# ନାନାବାୟା ଗୀତ

ଶ୍ରୀ ନନ୍ଦକିଶୋର ବଳ

Digitized by srujanika@gmail.com

# ORIYA LULLABY SONGS.

FIRST & SECOND PARTS.

By

Nandakishore Bal. B. A.

# ନାନାବାୟା ଗୀତ

ବା

## ଶିଶୁରଞ୍ଜନ

ପ୍ରଥମ ଓ ଦ୍ୱିତୀୟ ଭାଗ

ଶ୍ରୀ ନନ୍ଦକିଶୋର ବଳ ବି. ଏ. ପ୍ରଣୀତ

ପ୍ରକାଶକ ଶ୍ରୀ କୃଷ୍ଣକିଶୋର ବଳ

ଷଷ୍ଠ ମୁଦ୍ରଣ

"Give me the first six years of a child
and I do not care who has the rest."

Frœble.

Printer R. N. Rath
THE SATYABADI PRESS
CUTTACK
1934

price six annas.

Rs 1 - 0 0

Digitized by srujanika@gmail.com

DEDICATED

TO

**Robert Mc. Combe Esqr., B. A.(T.C.D.)**

**Inspector of Schools, Orissa Division**

As a tokekn of the Author's
heart-felt respect for
him for his devotion to duty,
sincere sympathy, and the unexpected
improvements he brought about in
the education of the division
during his short stay
amongst us.

—:0:—

Digitized by srujanika@gmail.com

# ନାନାବାୟା ଗୀତ

ବା

## ଶିଶୁରଞ୍ଜନ

### ବାୟାଚଢ଼େଇ

ବାୟା ଚଢ଼େଇ ରେ ବାୟା ଚଢ଼େଇ ତୁ
କୃଷ୍ଣ ଦୁଆରକୁ ଆ—
କୃଷ୍ଣ ସଙ୍ଗତରେ ଖେଳ ବୁଲି ସାରି
ଦୁଧ ପିଇଦେଇ ଯା ।
ବାୟା ଚଢ଼େଇ ରେ ବାୟା ଚଢ଼େଇ ତୁ
କୃଷ୍ଣ ସଙ୍ଗତରେ ଥିବୁ,
ଅଣ୍ଟ ବୁଢ଼ାଙ୍କର କୃଷ୍ଣ ଶୋଇଲେ ତୁ
ବସାକୁ ଉଡ଼ିଣ ଯିବୁ ।
ତୋ ବସା ବାଇଆ ଉଚ୍ଚ ତାଳଗଛେ
ବାଆ କଲେ ଦୋହଲଇ,
ଘୋର ବରଷାରେ ତୋ ବସା ଭିତରେ
ପାଣି ପଶି ନ ପାରଇ ।

Digitized by srujanika@gmail.com

ନଈ ବଢ଼ି ଘୋର ଗରଜନ କଲେ
ତୋତେ ନ ମାଡ଼ଇ ଡର,
ଏତେ ବିପଦରୁ ତୋତେ ସେ ରଖନ୍ତି
ଧନ୍ୟ ଧନ୍ୟ ସେ ଈଶ୍ୱର ।

## ବଣୀ ଚଢ଼େଇ

ବଣୀ ଚଢ଼େଇ ବଣୀ ଚଢ଼େଇ
କେଉଁ ବଣେ ତୋର ଘର ?
ଆସ ଆସ ଆମ ଘରକୁ
କରିବା ଖେଳ ଘର ।
ଖାଇବାକୁ ଦେବୁ ଦୁଧଭାତ
ପିଇବୁ ନବାତ-ପଣା ।
ରହିବୁ ସୁନା ପିଞ୍ଜରାରେ
କିଛି ନ ଯିବ ଜଣା ।
ପୋକ ଜୋକ ଖୁଣ୍ଟି ଖାଇ
ବୁଲି ଚଲ ବାଡ଼ି,
ରହ ରେ ଆସି ମଉଜରେ
ଆମ ପାଖଭିଡ଼ି ।
ସଞ୍ଜ ସକାଳେ ସଙ୍ଗ ହୋଇ
ବୁଲିବାକୁ ଯିବା,

Digitized by srujanika@gmail.com

ଏକା ସଙ୍ଗେ ଖେଳି ବୁଲି
ସାଙ୍ଗ ହୋଇ ଥିବା ।
ଜଙ୍ଗଲ ବଣୀ ଚଢ଼େଇ
କହେ "ନାହିଁ ନାହିଁ,
ମୋହ ନାହିଁ ଘର ଦୁଆର,
ବଣ ଭଲ ଭାଇ ।"

## ପୋଷା କୁକୁର

ଅରେ ମୋର ପୋଷା କୁକୁ,
ତୋତେ କି କରୁଛୁ ଭୋକ ?
ଦାଣ୍ଡଅଡ଼େ ଶୋଇଥାଉ,
ଭାତ ଦେଲେ ଗଣ୍ଡେ ଖାଉ ।
ସୁଢଯାକ ଜଗିଥାଉ,
ଭୁକୁଥାଉ ଭେଉ ଭେଉ ।
ବାଘ ଗରଜଇ ବଣେ,
ଆମେ ଥାଉଁ ଘରକଣେ ।
ତୋତେ କି ନ ମାଡ଼େ ଡର,
ଧନ୍ୟ ଧନ୍ୟ ଛାତି ତୋର !
ଚୋର ଯେବେ ଆସେ ଘରେ,
ପଳାଏ ସେ ତୋର ଡରେ ।

Digitized by srujanika@gmail.com

ତାକୁ ଦେଖି ଭୁକୁଥାଇ,
ପଛେ କାମୁଡ଼ି ଗୋଡାଇ ।
ଡରେ ପଳାଏ ସେ ଚୋର,
ଅ ଅ ରେ କୁକୁର ମୋର ।
ପେଟପୂରାଇ ତୁ ଖାଅ,
ଦାଣ୍ଡରେ ଶୋଇଣ ଥାଅ
ମୁହିଁ ଯେ ସଞ୍ଜ ସକାଳେ
ବୁଲି ଯିବି ନଈକୂଳେ ।
ମୋ ସଙ୍ଗରେ ଯିବୁ ତୁହି,
ସଙ୍ଗେ ସଙ୍ଗେ ଥିବୁ ରହି ।

## ବିଲେଇ ରାନୀ

ବିଲେଇ ରାଣୀ ଲୋ ବିଲେଇ ରାଣୀ,
ମୂଷା ଧରି ଖାଉ ପଚଳାକାଣୀ ।
ବିଲେଇ ରାଣୀ ଲୋ ବିଲେଇ ରାଣୀ,
ଚୋରାଇ ଖାଉ ତୁ ସର ଲବଣୀ ।
କାଳିଆ ଗରୁଡ଼ ଶଙ୍ଖ ରଖିଲେ,
ଘୃଟିଦେଉ କେହୁ ଛଗି ନ ଥିଲେ
ଅଣି ଚୁଙ୍କି ଖାଉ ଦୁଧ ଲହୁଣୀ,
ନ ଦେଖିବେ କେହୁ ଅଖାଇନାଣୀ ।

Digitized by srujanika@gmail.com

ଏତେ ବୁଝି ତୋର ବଳେଇ ନାଙ୍ଗ,
ସେଥିପାଇଁ ଖାଉ ଠେଙ୍ଗା କନ୍ଧୁଣୀ ।
ବଳେଇ ହାତରେ ପୋଡ଼ିଲ ପିଠା,
କେମନ୍ତେ ମଞ୍ଜଙ୍କ ଧୋଇତାକଣ୍ଠା ।
ଦିନବେଳେ ଅଖି ଥାଏ ତୋ ଗାର,
ଗୋଡ଼ାଙ୍କ ପଗ୍ରର ହୁଏ ଘଡ଼ର ।
କନ୍ଦର ଓଳିଆ କାଠେ ଚୁଟିଆ,
ଚୁଲିକନ୍ଦାରେ ତୁ ଶୋଇଛୁ କିଆଁ ?
ବୋବାଉଛୁ ତୁହୁ "ମିଅ ଜୁଁ ମିଅ ଜୁଁ,
ଦୁଧଘିଅ କର ଘୁଣ୍ଡିଏ ଦେଉଁ ।
ପେଟ ପୁରି ଯେବେ ହୋଇବ ଥଣ୍ଡା,
ମୂଷା ମାରି ଦେବ ଗଣ୍ଡାକୁ ଗଣ୍ଡା ।"
ମାନ କଲେ ରାଣୀ ରଜାଙ୍କ ପାଇଁ,
ଗମ୍ଭୀର ଘରରେ ଶୁଅନ୍ତି ଯାଇଁ ।
କବାଟ କିଳଣ ଶୁଅନ୍ତି ରାଣୀ,
ନ ପାରନ୍ତି ରଜା ସେ କଥା ଜାଣି ।
କନ୍ଥରେ ବଳେଇ "ମିଅଁ ଜୁଁ ମିଅ ଜୁଁ,
ଦୁଧ ଘିଅ କରି ଘୁଣ୍ଡିଏ ଦେଉଁ ।
ମନ ଖୁସି କରି ପେଟେ ଖାଇବି
ଗମ୍ଭୀରକୁ ବାଟ କଢ଼ାଇ ନେବି ।"
ଦୁଧ ପଏ ନାହିଁ କଣ୍ଠାଇ ଯେବେ,
"ମିଅ ଜୁଁ" "ମିଅଁ ଜୁଁ" ବୋବାଉ ତେବେ ।

Digitized by srujanika@gmail.com

ନାହୁ ନାହୁଁ ବଳ ଅଛିବୁ ନାହୁଁ,
ପିଇଦେବ ସବୁ ଦୁଧ କଣ୍ଢାଇ ।
"ବାଘ ରଜାର ତୁ ହେଉ କି ଦେଈ,
"ବାଘ ନ ଦେଖିଲେ ଦେଖ ବଲେଇ ।"
ଛକି ଛକି କରି ବଲେଇ ଯିବୁ,
ଗାତ ପାଖେ ମୂଷା ମାଡ଼ି ବସିବୁ ।
କଣ୍ଟାହିଆ ଆଖି ଲମ୍ବନଶୁଆ,
ଛୁଅ ଖାଇଯାଏ କାମୁଡ଼ି ଭୁଆଁ ।

## ଚଟିଆ ମୂଷା

ଚଟିଆ ମୂଷା ରେ ଚଟେଇ ମୂଷ,
ଧାନ ଅମାରକୁ ଖାଉଥା ବସି ।
କରୁଥା ଯାହା ତୋ ମନର ଖୁସି,
ଘର ଛାଡ଼ି ମୁହିଁ ଯାଉଛି ରୁଷି ।
ଟିକି ଟିକି ଧାନ ଶଏ ଭରଣ,
ସାତଟା ଅମର କଲୁଣି ଶୂନ୍ୟ ।
ଗଣେଶ ବାହନ ଅଟୁ ରେ ମୂଷା,
ତୋତେ ମାରିବାକୁ ନାହିଁ ଭରସା ।

Digitized by srujanika@gmail.com

ପାଠ ନ ଆସିବ ମାରଲେ ତୋତେ,
ଅବଧାନ ବେତ ମାରବେ ମୋତେ ।
ଠୁଲ୍ଲ ମୂଷା ରେ ଠୁଲେଇ ମୂଷି,
ଖାଇବୁ ଯେତେକ ଖାରେ ଖୁଷି ।
ଦୁଧ ପିଇବାକୁ କାନ୍ଦଲେ କୃଷ୍ଣ,
କାନ କାଟି ନେଇ ଯିବୁ କି ଦୁଷ୍ଟ ?
ଅମାରେ ଯେତେକ ଧାନ ତୁ ଖାଉ,
ଚାଉଳ ହାଣ୍ଡିରୁ ଚାଉଳ ନେଉ ।
ବନ୍ଧନ ଓଳିଆ କାଟୁ କିପାଇଁ,
ଏତେ ଖାଇ ପେଟ ପୂରଇ ନାହିଁ ?
ଘଢରେ ବାହାର ଚୁଟୁ ଚୁଟୁ,
କଖାରୁ ଗଛଟି ମୂଳରୁ କାଟୁ ।
ଝଁ ଡିଁ ଲ ପଡଇ ପିଢ଼ା ଢଖାରୁ.
କେତେ କଷ୍ଟିଫୁଲ ମୂଷା ରେ ମାରୁ !
ଖରା ଗଡ଼ିଯାଏ ବୁଡ଼ଇ ବେଳ,
ସାନ୍ଧ ପିଲ୍ଲମାନେ ହୋଇଣ ମେଳ,
ଗୀତ ଗାଇ ଗାଇ ବୁଲନ୍ତି ଗାଆଁ,
"କଷ୍ଟିଫୁଲ ଫୁଟେ ଠୋ-ଠା ।"
"ଚଟିଆ ମୂଷା କନ୍ଦୁ ଯାଇଛି
"ଚାଉଳ ମୁଠିଏ ଦେଇ ଯା ।"

Digitized by srujanika@gmail.com

# ବେଙ୍ଗୁଲୀ ରାଣୀ

ବେଙ୍ଗୁଲା ବେଙ୍ଗୁଲା ପାଣି ଦେ,
ନଈ ସମୁଦର ଭସେଇ ଦେ ।
ଇନ୍ଦ୍ର ରଜାଙ୍କର ବେଙ୍ଗୁଲା ରାଣୀ,
ବୋବେଇ ଦେଲେ ସେ ବରଷେ ପାଣି ।
ବେଙ୍ଗୁଲା ବସଇ ସାନ୍ଧୁମୂଳରେ,
ଛନ୍ଦି ଧରିଅଛି ସାରୁ ପତରେ ।
ବେଙ୍ଗୁଲୀ ବୋବାଏ କେଁ କଠର,
ପାଣିରେ ଭସଇ ଧୂଅର ଘର ।
ପାଣି ପଶିଗଲା ସାପ-ଗାତର,
ସାପମାନେ ହେଲେ ଛନଛତର ।
ଖରଦିନେ ସାପ ବେଙ୍ଗ ଖାଇଲା,
ବରଷାଦିନରେ ଫଳ ପାଇଲା ।
ଇନ୍ଦ୍ରଦେବତାଙ୍କ ବେଙ୍ଗୁଲି ରାଣୀ,
ସାପ କାମୁଡ଼ିଲା ତାଙ୍କ ଘରଣୀ ।
ଇନ୍ଦ୍ର ରଜା ପାଣି ବରଷି ଦେଲେ,
ନଈ ସମୁଦର ଭସାଇ ଦେଲେ ।
ସାପଘରେ ପଶିଗଲା ରେ ପାଣି,
ଝୁଲଝୁଲ ଦେଲା ବେଙ୍ଗୁଲୀ ରାଣୀ ।

Digitized by srujanika@gmail.com

ପାହି ପାକୁ ପାକୁ କର ବେଙ୍ଗୁଲି
ଫଙ୍କର ଫଙ୍କର ଯାଉଛୁ ବୁଲି ।

ଇନ୍ଦ୍ରବରଙ୍କର ହୋଇ କନିଆ
ମନ୍ଦୁହୁବ କରୁ ଧରଣ ଜିଆ ।

ନଳାମୁହେଁ ପଶି ପିଉ ତୋରାଣି,
ଏତେ ଅସନା ତୁ ବେଙ୍ଗୁଲି ରାଣୀ ?

ହୋଉ ପଛେ ଇନ୍ଦ୍ର ରଜାଙ୍କ ରାଣୀ,
ନ ଆସିବୁ ଆମ ଘରକୁ ପୁଣି ।

ଭଡ଼ଭଳୁ ଶୁଣି କେଏଁ କଟର,
ରାତିରେ ମାଡ଼ଇ କୁଷ୍ଟକୁ ଡର ।

ଯେ ଘରେ ବେଙ୍ଗୁଲି ରହଇ ଯାଇଁ
ପଶେ ତହିଁ ସାପ ଅଧାରପାଇଁ ।

ତେଣୁ ବେଙ୍ଗ ଦେଖି ମାଡ଼ଇ ଡର,
ବେଙ୍ଗ ପରି ଜନ୍ତୁ କେତେ ମାତର ।

ତଥେ ମୁହିଁ ମାରି ପାରଇ ନାହିଁ,
"ନିଦୋଷୀ ପରାଣୀ ମାରନ୍ତି ନାହିଁ ।"

ମାରିଲେ ହୁଅନ୍ତି କାଳ ଅଟର,
ବେଙ୍ଗ ବେଙ୍ଗୁଲିଙ୍କୁ ଦୁରୁ ଜୁହାର ।

Digitized by srujanika@gmail.com

## ବିଲୁଆ ଭାଇ

ବିଲୁଆ ଭାଇ ରେ ବିଲୁଆ ଭାଇ,
ଏତେ ବୋବାଉ ତୁ କେଉଁଥି ପାଇଁ ?
ବୋବାଇ ଉଠୁ ତୁ "ହୁକେ ହୋ ।"
କୁକୁର ଭୁକଇ 'ଭେଉଁ ଭେଉଁ" ।
ଗୋଟାଏ ଡାକିଲେ ଉପାୟ ନାହିଁ,
ଡାକନ୍ତି ଯେତେ ବିଲୁଆଭାଇ ।
ନ ଡାକିଲେ ଛାତି ଫାଟେ କି ସତେ ?
ଏ କଥା ତ ମତେ ନୁହେ ପରତେ ।
"ହୁକେ ହୋ ରେ ହୁକେ ହୋ ।'
କେତେ ବୋବାଉଛୁ ଶୋଉଁ ରେ ଶୋ ।
ବାଘ ଦେଖି ତୋତେ ଡର କି ମାଡେ,
ଶୀତ ଦିନେ ଅବା କୁହାଟୁ ଜାଡେ ?
ବିଲୁଆ ଭାଇ ରେ ବିଲୁଆ ଭାଇ,
"ହୁକେ ହୁକେ" ଛଡା ଗୀତ କି ନାହିଁ ?
ସ୍ୱଭାବ ଏ ତୋର ବିଲୁଆ ଭାଇ,
ଅଜ୍ କିଛି କଥା ଏଥିରେ ନାହିଁ ।
ସଞ୍ଜବେଳେ ଭାତଖିଆ ପହରେ,
ରାତି ଅଧେ, ପାହାନ୍ତିଆ ପହରେ,

Digitized by srujanika@gmail.com

ପହରକେ କୁହୁ ବୋବାଇ ଥରେ,
ଗୃରଥର ଡାକୁ ଗୃର ପହରେ ।
ପହର ଗଣି ତୁ ଡାକୁ କେମନ୍ତେ,
ଅଚମ୍ଭିତ ଲଗେ ଏ କଥା ମତେ ।

ଧନେ ଯେବେ ଡାକୁ ଢୋଇ ଖତେଇ,
ଛ ମାସେ ଛ ପଟେ ମରଇ କେହୁ ।

ଖରା ଥାଉଁ ପଡ଼େ ବରଷା ଯେବେ,
ତୋ ପୁଅର ବାହା ହୁଏ କି ତେବେ ?
“ଖରା କରୁଅଛି ମେଘ କରୁଛି,
“ବାଲୁଅ ପୁଅର ବାହା ହେଉଛି ।”

“ବାଲୁଅ ନନା ରେ ବାଲୁଅ ନନା,
“ଘର ପୋଡ଼ିଗଲା ପଛକୁ ଅନା ।”

ପିଲାଏ ଗାଆନ୍ତି ବଜାଇ ତାଳି,
ସୁଢରେ କୋବେଇ ଦେଉ କି ଗାଳି ?

ପୁଅ ବାହା କଲୁ ବାଲୁଅ ଭାଇ,
ଡାଲି ଭାତ ଖିରି ପିଠା ମୋ କାହିଁ ?
ବାଲୁଅ ଭାଇରେ ବାଲୁଅ ଭାଇ,
ଅଜି ତୋ ଗୀତ ମୁଁ ଗାଇବି ନାହିଁ ।

Digitized by srujanika@gmail.com

## ସକାଳ

ସକାଳ ହେଲଣି ଉଠ ଲୋ ଯା'ସ୍,
କାନ୍ଥୁ ବାଡ଼ ଗଛେ ପଡ଼ିଲା ଖସ୍ ।
ଗଛ ଡାଳେ ବସି ରାବଇ କାଉ,
ଉଠିଲେଣି ପିଲ୍ଲ ଶୁଣି ତା ଡାକ ।
ତା ରବ ଶୁଣନ୍ତେ ଜଗତ ଜନ,
ଉଠି ନିଜ କାମେ ଦଅନ୍ତି ମନ ।
ପିଲ୍ଲମାନେ ଉଠି ଖେଳନ୍ତି ଦାଣ୍ଡେ,
ବଡ଼ ପିଲ୍ଲ ଯାନ୍ତି ଗୃହାଲୀ ଗୃହଣ୍ଡେ ।
ନୂଆ ବୋହୂମାନେ ପିଣ୍ଡା ଦୁଆର,
ଝରକ ପକାନ୍ତି ପାଣି ଗୋବର ।
ବାସନ ମାଜଣ ଚଉକା ଦେଇ,
ସାତ ପାଞ୍ଚ ମିଳି ଯାନ୍ତି ଗାଧୋଇ ।
ଚଷ ମାନେ ହଳ ବଳଦ ନେଇ,
ବିଲକୁ ଯାଆନ୍ତି ହଳ ବୁଲେଇ ।
ଗଉଡ଼ ନିଅଇ ଗୋରୁ ଗୋଠକୁ,
ହାତୁଆ ଗଣ୍ଡିର ନିଏ ହାଟକୁ ।
ମୁଢ଼ି ଚୁଡ଼ା ତେଲ ଲୁଣ ପସର
ସାହୁ ସାହୁ ଆସି ବୁଲଇ ହୁସ ।
ଦରବାରେ ଗଲେ ଦାଣ୍ଡିଗାରଅ,
ହିସାବ କରନ୍ତି ମହାଜନଅ ।
ସ୍ନାନ ସାରିଲେ ଭକତମାନେ,
ଦେବ-ସେବା ପୂଜା କଲେ ବ୍ରାହ୍ମଣେ ।

# ବେଲ୍ଲବଣ

ଖରା ନଇଁଲାଣି ପଦାକୁ ଯିବା,
ପଦାରେ ସମସ୍ତେ ଖେଳ ବୁଲିବା ।
ଫୁଲ ଫୁଟିଅଛି ବାସ ଆସଇ,
ତ ବାସନା ମୁହିଁ ନାକେ ସୁଙ୍ଘଇ ।
ଗଛ ଲତା ସବୁ ଦିଶେ ସୁନ୍ଦର,
ଭଲ ଦିଶୁଅଛି ଡାଳ ପତର ।
ପକ୍ଷୀ ରବୁଅଛି ଡାଳରେ ବସି,
ପିଲ୍ଲ ଖେଳୁଛନ୍ତି ଦଉଡ଼ ହସି ।
କଳ କଳ କରି ବହୁଛି ନଈ,
କୂଳେ ଚରୁଛନ୍ତି ବାଛୁରୀ ଗାଈ ।
ମେଣ୍ଢା ଛେଳିମାନେ ଚରନ୍ତି ପାଖେ,
ଛେଳି ଛୁଆ ମୁହିଁ ଧରିବି କାଖେ ।
ଉଡ଼ି ଯାଉଛନ୍ତି ଚଢ଼େଇମାନେ,
ତାଙ୍କ ଗୀତ ମୁହିଁ ଶୁଣଇ କାନେ ।
ଆଖି ଫେରାଇଲେ ମଥା ଉପର, ;
ନୀଳ ଆକାଶ ଯେ ଦିଶେ ସୁନ୍ଦର ।
ସମସ୍ତ ଗଢ଼ିଛି ଅହେ ଈଶ୍ୱର,
ଦଣ୍ଡବତ ଦେନ ପ୍ରଭୁ ମୋହର ।

Digitized by srujanika@gmail.com

## ମୋର ଅଧେ, ତୋର ଅଧେ

ଗଛଟିଏ ଦେଶେ କେଡ଼େ ସୁନ୍ଦର,
କେମନ୍ତ ସୁନ୍ଦର ଡ଼ାଳ ପତର ।
ନଇଁ ପଡ଼ୁଅଛୁ ଫୁଲରେ ଡ଼ାଳ,
ଫୁଲ ତୋଳି ଆସ ଗୁନ୍ଥିବା ମାଳ ।
ଗଛମୂଳେ ମୁହିଁ ଢାଳିବି ଜଳ,
ଗଛରେ ଫଳିବ ସୁନ୍ଦର ଫଳ ।
ସେ ଫଳ ପାଚିବ ଅଳପ କାଳେ,
ପାଚି ଝୁଲୁଥିବ ପବନ ତାଳେ ।
ତୋଳି ଆଣି ମୁହିଁ ଧରିବି ଫଳ,
ସ୍ୱାଦକୁ ଲାଗିବ କେଡ଼େ କଅଁଳ ।
ସେ ଫଳ ପାଚିଲେ ଭାଙ୍ଗିବି ମୁହିଁ,
ଅଧେ ମୁଁ ଖାଇବି, ଅଧକ ତୁହି ।

## ସତ୍ୟଯୁଗ ଫଳ

ଆମ୍ବ ବଉଳଇ ଫଗୁଣ ମାସେ,
ଦିଗ ଚହଟଇ ତାର ସୁବାସେ ।
ଗୁଣୁ ଗୁଣୁ କରି ମହୁମାଛିଏ,
ବହନ୍ତି ଅସିଣ ବଉଳ ଦେହେ ।

Digitized by srujanika@gmail.com

ମନ୍ତୁ ଯେନ ଉଡ଼ି ଯାଅନ୍ତି ଗୃହ୍,
ନ ଖାଇ ନ ପିଇ ସଞ୍ଚନ୍ତି ଖାଲି ।
ପତ୍ର ଗହ୍ଳରେ କୋକିଳ ବସି
"କୁହୁ" "କୁହୁ" ତାନ ଦିଏ ବରଷେ ।
ଟଣା ଧରି ଅମ୍ବ ହୁଅଇ କଷେ,
ଲେନ୍ତ ଲେନ୍ତ ଡାଳେ ଝୁଲଇ ହସି ।
ଟୁଣୁ ଟୁଣୁ ଯାଉ ହଳଦବନ,
ଖାଇବାର ଥାଉ, ଦେଖେ ଯତନ ।
ଅମ୍ବ କି ମଧୁର ଦେଖନ୍ତେ ସୁନ୍ଦର,
ଏ ଫଳ ଅଟେ କି ସତ୍ୟଯୁଗର ?

## ବର୍ଷା ଗୀତ

ମେଘ ବରଷଇ ଝପର ଝପର
କେଶୁର ମାଉଛି ଗଛା,
କେଉଁ ଗାଈଛରେ ରହିଲେ ରଛା ଗୋ
ତେଲଙ୍ଗି ବାଇଦ ବଛା ।
ମେଘ ବରଷଇ ଝପର ଝପର
ଝୁଅରେ ବହଇ ପାଣି,
ପାଣରେ ଡାକନ୍ତି କେଉଁ କଟର ହୋ
ବେଙ୍ଗ ଓ ବେଙ୍ଗୁଲି ରାଣୀ ।



Digitized by srujanika@gmail.com

ନୂଆ ପାଣି ପାଇ ଦାଣ୍ଡେ ଦୁବଘାସ
ଚକା ଚକା କଅଁଳଇ,
ଜଳ ଗୁଲୁଗୁଲୁ ପାଟ ଶାଢୀ ପିନ୍ଧ
ସାଧବବୋହୂ ହସିଲ୍ଲ ।
ଅଳତା ସମାନ ରଙ୍ଗତ ବଳର
ଓଳପାଣି ପଡ଼େ ତଳେ,
ଘଳ ପାଣି ସଙ୍ଗେ ମିଶିଗଲ୍ଲ ବେଳେ
ମୋତ ଫୁଲ ପରି ଝଲେ ।
ପାଣିର ଫୁଟୁକା ଫୁଟି ଯାଏ ଭ୍ରପି
ଷଣକେ କାହିଁ ଉଭାଏ,
'ସାଧବ ଘରର ବୋହୂ ବୁଡ ମଲ୍ଲ'
ବୋଲ ନାଚନ୍ତ ପିଲ୍ଲଏ ।
ନୂଆ ପାଣି ପାଇ ଫୁଟି ଉଠେ ଛତୁ
ହୁଙ୍କା ବାଲଅଗ୍ର ବଳେ,
ସକାଳୁ ଉଠିଣ ଗୁଣ୍ଡା ଧରଣ
ପିଲ୍ଲଏ ଛତୁ ତୋଳଲେ ।

## ଦୋଳି ଗୀତ

ଦୋଳ ଦୋଳ ଧନମଣି, ଦୋଳ ଅଛ ଉଠେ,
ନାହିଁ କିଛ ଡର ଧନ, ମା ଅଛନ୍ତ ପଛେ ।
ହସ ହସି ଦୋଳ ଧନ, ଦୋଳ ଦୋଳ ହସ,
ଯେତେ ଉଠେ ପାରୁ ଧନ, ସେତେ ଉଠେ ବସ ।

Digitized by srujanika@gmail.com

ହେଇ ଗୁଲ ଯା ଉପରକୁ, ହେଇ ଗୁଲ ଯା ତଳ,
ଦୋଳ ଖେଳ ଖେଳ ଧନ, ବଢ଼ିଯିବ ବଳ ।
ଦୋଳ ଦୋଳ ଧନମଣି, ପାଖେ ଅଛନ୍ତି ମା,
ଯା ଗୁଲ ଯା ଉପରକୁ, ଅ ପାଖକୁ ଅ ।

## ନାଚ ଗୀତ

ଥେଇ ଥେଇ ନାଚ ଧନ, ନାଚ ଥେଇ ଥେଇ,
ଉଠେଇ ପକେଇ ଗୋଡ ଉଠେଇ ପକେଇ ।
ଧିନ ତାକ ଧିନ ତାକ ଧିନ ତାକ ଧେଇ,
ହସି ହସି ନାଚ ଧନ, ଥେଇ ଥେଇ ଥେଇ ।
ନାଚ ନାଲମଣି ଗୀତ ଗାଉଛନ୍ତି ମାଅ,
ଧିନ ତାକ ଧିନ ତାକ ଥେଇ କଠ ତାଅ ।

## ମୁହିଁ ଦୁହିଙ୍କର

ଏଡ଼େ ଟିକେ ସରସ୍ୱତୀ ହସ ହସ ମୁଖ,
ତା ହସ ଦେଖିଲେ ହୁଏ ମନେ କେତେ ସୁଖ ।
ପାସ୍ତ ଯେବେ ମୁହିଁ ହଲ୍ଲଉ କହେ ତାକୁ କଥା,
ତୋ ତୋ ହସୁଥାଏ ହଲ୍ଲଉଣି ମଥା ।
ବୁସ୍ତ କହେ "ମୋ ବଉଳୀ", ପାସ୍ତ କହେ "ମୋର",
ସର କହେ, କାଖେଇଲେ ମୁହିଁ ଦୁହିଙ୍କର ।

Digitized by srujanika@gmail.com

## କାଉ ଓ ବାଳିକା

ବାଳିକା—ଡାମର କାଉ ରେ ଡାମର କାଉ,
କାଅ କାଅ ରବ କୁଆଡେ ଯାଉ ?
କାଉ—ପାଙ୍ଖା ଦେଇ ଗୋ ପାଙ୍ଖା ଦେଇ,
ବନ ପରବତେ ମୁହିଁ ବୁଲଇ ।
ବାଳିକା—ଡାମର କାଉ ରେ ଡାମର କାଉ,
ନଈ ସମୁଦର କେମନ୍ତେ ଡେଇଁ ?
କାଉ—ପାଙ୍ଖା ଦେଇ ଗୋ ପାଙ୍ଖା ଦେଇ,
ଉଚ୍ଚ ଅକାଶରେ ମୁହିଁ ଉଡଇ ।
ନଈ ସମୁଦର ରହନ୍ତୁ ତଳେ,
ଉଡ଼ି ଚାଲିଯାଏ ମୁଁ ଜଳେ ଥଳେ ।
ବାଳିକା—ଡାମର କାଉ ରେ ଡାମର କାଉ,
ଧନପାକ ଉଡ଼ି କଅଣ ଖାଉ ?
କାଉ—ପାଙ୍ଖା ଦେଇ ଗୋ ପାଙ୍ଖା ଦେଇ,
ନାନା କାଠ ଫଳ ଗଛେ ପାଚଇ ।
ମନ ଖୁସି ହୋଇ ମୁଁ ତାହା ଖାଏ,
ସଞ୍ଜବେଳ ହେଲେ ବସାକୁ ଯାଏ ।
ବାଳିକା—ଡାମର କାଉ ରେ ଡାମର କାଉ,
ଜାଡ଼ରେ ଫୁଙ୍ଗୁଳା କେମନ୍ତେ ଶୋଉ ?
ପାଙ୍ଖା ଦେଇ ଗୋ ପାଙ୍ଖା ଦେଇ,
ଜାଡ଼ ଲୁଗା ମୁହିଁ ଲୋଡ଼ଇ ନାହିଁ ।

Digitized by srujanika@gmail.com

ବାରମାସ ମୋର ଏ ଡେଣା ପର,
ରକ୍ଷା କରେ ମୋତେ ଖରା ଶୀତର ।

**ବାଳିକା**—ଡାମରା କାଉ ରେ ଡାମରା କାଉ,
ରାତି ଗୋଟାଯାକ କେମନ୍ତେ ଶୋଉ ?

**କାଉ**—ପାର୍ବତୀ ଦେଇ ଗୋ ପାର୍ବତୀ ଦେଇ,
ରାତି କାଟେଁ ମୁହିଁ ଗଛରେ ଶୋଇ ।

**ବାଳିକା**—ଡାମରା କାଉ ରେ ଡାମରା କାଉ,
ଗଛଡାଳଟାରେ କେମନ୍ତେ ଶୋଉ ?

**କାଉ**—ପାର୍ବତୀ ଦେଇ ଗୋ, ପାର୍ବତୀ ଦେଇ,
ଗଛ ଡାଳେ ଶୁଏଁ ଗୋଡ ଲମ୍ବେଇ ।
ବନ ପରବତ ଡାଳ ପତରେ
ଶୋଇପଡ଼େ ମୁହିଁ ରାତିକାଳରେ ।
ରାତି ପାହାନ୍ତାରୁ ମୁହିଁ ଉଠଇ,
ପିଢ଼ା ଗଛ ବାଡ଼େ ବସି ରାବଇ,
ମୋ ଡାକ ଶୁଣିଣ ଜଗତଜନ
ଉଠି ନିଜ କାମେ ଦିଅନ୍ତି ମନ ।

## ପାଗ୍ୱଯୋଡ଼ିକ ।

ଗୁଲୁଣି ଚଲଉଁ ଚଲଉଁ ପାଇଲଇଁ ମୁଁ ଗୋଡ଼;
କି ସୁନ୍ଦର ପାଗ୍ୱଯୋଡ଼ିକ ଯାଉଅଛନ୍ତି ଉଡ଼ି ।
ଆସ ଆସ ପାଗ୍ୱଯୋଡ଼ିକ ମୋର ପିଣ୍ଡାରେ ବସ,
ଖାଇବାକୁ ଦେବି ତୁମକୁ ମୁହିଁ ନଡ଼ିଆ ରସ ।

Digitized by srujanika@gmail.com

ପିଇବାକୁ ଦେବ ତୁମକୁ ବେଣ୍ଟପୋଖରୀ ପାଣି,
ଶୋଇବାକୁ ଦେବ ଖଟୁଲି ମାଳୀଘରୁ ମୁଁ ଆଣି ।
ମାଳୀଘର ଖଟୁଲିରେ ଯେ ବାଉଁଶର ପାଉଆ,
ରଜାଘର ଝିଅ ଗୋଡରେ ରତନର ଝୁଣ୍ଟିଆ ।
ରତନଝୁଣ୍ଟିଆ ମଝିରେ ଥିଲା ମାଣିକ୍ୟ ମଣି,
ଖସିଗଲା ଝୁଣ୍ଟିଆରୁ ସେ ଖୁଣ୍ଟି ନେଲା ତା ଶାରୀ,
ଶାରୀ ପଚାରିଲା ଶୁଆ ଲୋ କେଉଁ ବାଟରେ ଯିବା,
ଶୁଆ ବୋଲେ ଶାରୀ ଚାଲ ମୋ ସ୍ୱର୍ଗଦାଣ୍ଡରେ ଯିବା ।
ସ୍ୱର୍ଗଦାଣ୍ଡେ ଯାଉଁ ଯାଉଁ ମୁଁ ଥାଏ ଗୋବର ଲଣ୍ଡି,
ଲଟ ପୋଛୁ ଦେଇ ଯାଅ ମା ପୂଜୁ ମଙ୍ଗଳଚଣ୍ଡୀ ।
ମଙ୍ଗଳଚଣ୍ଡୀ ଗୋ ମଙ୍ଗଳାଚଣ୍ଡୀ କଥା ଏ କହ,
ଲଟି ପୋଛି ଏଥି ଦେଇଛି ମା ଦଣ୍ଡକ ରହ ।
କେସ୍ କଥା କେସ୍ କଥା ସେ ରଜାପୁଅର କଥା,
ତୁଁ ବରୁଥିବୁ ଶୁଣିବୁ କାଟେ ରଖିଣ ମଥା ।
ଚାଲିଣି ଚଳଉ ଚଳଉ ପାଇଲଇଁ ମୁଁ ଗୋଡ଼ି,
ଥଣ୍ଟେ ମଣି ଧରି ପାରିଏ ଯାଉଥିଲା ଯେ ଉଡ଼ି ।
ମଣି ଘେନ ଉଡ଼ି ଯାଅନ୍ତେ ଥଣ୍ଟୁ ପଡ଼ିଲା ଖସି,
ରଜାପୁଅ ବଳେ ପାରିଧି ଘୋଡ଼ା ଉପରେ ବସି ।
ଘୋଡ଼ା ଝପଟାଇ ସେ ମଣି ରଜାପୁଅ ଧଇଲା,
ରାଜକନ୍ୟାରୂପ ମଣିରେ ଅଙ୍କା ଥିଲା ଦେଖିଲା ।
କେବଣ ଦେଶେ ସେ ରଜାର ଘର ମନରେ ଭାଳି,
ଛନ ସଙ୍ଗାତଙ୍କ ଘେନିଣ ଘୋଡ଼ା ଦେଲା ସେ ଚାଳି ।

Digitized by srujanika@gmail.com

ଅଣୀ କୋଣେ ରାତ ହୁଅନ୍ତେ ଘୋଡ଼ା ବାନ୍ଧି ସଙ୍ଗାତେ,
ପହରକେ ଜଣେ ଜଗିଲେ ଯାପିବାକୁ ସେ ରାତେ ।
ପହିଲୁ ପହରେ କଣ୍ଟୁଆଳ-ପୁଅ ଶୁଣିଲା କାନ୍ଦ,
ବିଚାରିଲା ମନେ ମନେ ସେ ଭୂତଙ୍କର ଏ ଫାନ୍ଦ ।
ସାଧବପୁଅ ଦ୍ୱିପ୍ରହରେ ଶୁଣେ ବନସ୍ତେ କାନ୍ଦ,
ବିଚାରିଲା ମନେ ମନେ ସେ ଗନ୍ଧର୍ବଙ୍କ ଏ ଫାନ୍ଦ ।
ମନ୍ତ୍ରୀପୁଅ ତିନି ପ୍ରହରେ ଶୁଣି ବନସ୍ତେ କାନ୍ଦ,
ବିଚାରିଲା ମନେ ମନେ ସେ ଅସୁରଙ୍କ ଏ ଫାନ୍ଦ ।
ରଜାପୁଅ ଶେଷ ପ୍ରହରେ ଶୁଣି ବନସ୍ତେ କାନ୍ଦ,
ଅକାଶକୁ ଚାହିଁ ଦେଖିଲା ହସେ ପୁନେଇ ଚାନ୍ଦ ।
ଚାନ୍ଦମୁଖେ ଦେଖେ ହସୁଛି ସେହି ରଜାର ଝିଅ,
ଘୋଡା ଚଢ଼ି କାନ୍ଦ ଅଡ଼କୁ ଗଲା ରଜାର ପୁଅ ।
ଦେଖେ ଗଜଦନ୍ତ ପଲଙ୍କେ ବସି କାନ୍ଦେ ସୁନ୍ଦରୀ,
ରୂପ ଝଟକଇ ଯେସନ ମର୍ତ୍ତ୍ୟେ ସ୍ୱରଗପରୀ ।
ପୁଚ୍ଛଇ ସେ ରାଜକୁମର ସେହି କନ୍ୟାକୁ ଧୀରେ,
"କେମନ୍ତେ ଏକାକୀ ଅସିଲ ଏହୁ ନିର୍ଜନ ପୁରେ ।"
ରାଜକନ୍ୟା କହେ "ଅଛଇ ଏକ ଅସୁରୀ ବୁଢ଼ୀ,
ଚରିବାକୁ ଯାଏ ରାତିରେ ଦିନେ ଆସଇ ଉଡ଼ି ।
ଖାଇଗଲା ବାପ ମାଆଙ୍କୁ ମୋର ସପତ ଭାଇ,
ମୋ ବିନା ଦେବାକୁ ଏ ପୁରେ ପାଣି କେହି ତ ନାହିଁ ।
ଘୋଡ଼ାଶାଳରୁ ଘୋଡ଼ା ଯାଇଛି ହାତୀଶାଳରୁ ହାତୀ,
ସୁବର୍ଣ୍ଣ ପୁରୀ ତ ପଡ଼ିଛି ଜନ ପ୍ରାଣୀ ନାହାନ୍ତି ।

Digitized by srujanika@gmail.com

ଏତେ ରାଜକୁଳ ଉଚ୍ଛନ୍ନ, ଧିକ ମୁଁ ଅଛି ରହି;
ରାକ୍ଷସାଙ୍କ ଘୋର ଗର୍ଜନେ ବକଲେ ମୁଁ କାନ୍ଦଇ ।
ସବୁଘରେ ମୁହିଁ ଯାଉଛି ଏକ ଘର ଯେ ମନା,
ନଣା ଗରଜିଲେ ସେ ଘରୁ କଥା ଯାଉଛି ଶୁଣା ।"
କବାଟ ଭାଙ୍ଗିଣ ରଜାର ପୁଅ ଘରେ ପଶିଲା,
ଦେଖି ତାକୁ କଳା ଘୋଡ଼ାଟା ତାର ବଶ ଯେ ହେଲା ।
କାନ ଫୁଙ୍କି ରାଜକୁମାର ପିଠି ଅଇଁସି ଦେଲା,
କଟାକ୍ଷେ ଦୁରନ୍ତ ଘୋଡ଼ାଏ ତଳେ ଟାପୁ ମାରିଲା ।
ଘୋଡ଼ାଟାପୁ ତଳେ ଖୋଳିଣ ତଳେ ଦେଖିଲା ପଶି,
ଅନେକଶତ ମୁଣ୍ଡ କହିଲେ ତାକୁ ବିକଟେ ହସି ।
"ତୋହରି ଦିନେ ଆମ୍ଭର ଥିଲା ରକତ ମାଂସ,
ଗୋଟି ଗୋଟି କରି ଅସୁରୀ ହାତେ ଗଲୁ ଟି ନାଶ ।
ତୋତେ ଖାଇ ଶଏ ପୂରିବ, ପଳା ନେଇ ଜୀବନ ।"
"କିପରି ଅସୁରୀ ମରିବ" ଯୁବା ପୁଚ୍ଛେ ପ୍ରଶନ ।
"ଶଏ ଯୋଜନରେ ଅଥବା ମଣ୍ଡପରେ ନଅର,
ପୋଖରୀ ଭିତରେ ସେ ପୁରୀ, ଜଗେ ତା ଅଜଗର ।
ଅଜଗର ଶିରେ ମାଣିକ୍ୟ ଅସୁରୀର ଜୀବନ,"
ପକ୍ଷୀରାଜେ ଚଢ଼ି ଯୁବକ କଲା ତହିଁ ଗମନ ।
ଆଣି ସେ ମାଣିକ୍ୟ ମାରିଣ ସେହି ବୁଢ଼ୀ ଅସୁରୀ,
ବନ୍ଧ ହୋଇ ରାଜକନ୍ୟାକୁ ଭୋଗ କଲା ସେ ପୁରୀ ।
ସାହସରେ ମରି, ସାହସେ ଘୋର ବିପଦେ ତରି,
ସାହସରେ ଭାଇ ସଂସାରେ ଘର ଦୁଆର କରି ।

# ସୁନାପଇତା

ଢାଙ୍ଗୀରଢାଙ୍ଗିଅ ଲୋ ତୁ ନଳରଙ୍ଗା ବୋହୂ,
ନଳରଙ୍ଗା ବୋହୂ ଲୋ ତୁ ନଈକୁ ଗାଧୋଇ ଯାଉ ।
ନଈକୁ ଗାଧୋଇ ଯାଉ ଯାଉ ପାଇଲୁ ଗୋଡ଼ବଳା,
ଛେଳି କିଣିବାକୁ ନେଇ ଗଲୁ ସେହୁ ବଳା ।
ଝିପିଝିପିକା ଛେଳି ଅଛି ପାତାଳ ଭିତରେ,
ରଜାପୁଅ ଖୋଜୁଅଛି ବନସ୍ତ ମଧ୍ୟରେ ।
ବନସ୍ତ ଭିତରେ ଅଛୁ ରଜାର ନଅର,
ରତନ ପଲଙ୍କ ଅଛି ନଅର ଭିତର ।
ପଲଙ୍କେ ଅଇଲି ଖଣ୍ଡି ସୁନ୍ଦର ଫରୁଆ,
କିଏ ଚୋରି କରି ନେଲା ସିନ୍ଦୁର ଫରୁଆ ।
ମୋ ସୁନ୍ଦର ଫରୁଅଟି ନେଲା ରଜାପୁଅ,
ବାହୁନି ବାହୁନି କାନ୍ଦେ ଚକାଧର ଝିଅ ।
ଖୋଜି ଖୋଜି ରଜାପୁଅକୁ ବନସ୍ତେ ପାଇଲି,
ରଜାପୁଅ ରହୁ ବୋଲି ଦେଉଳ ତୋଳାଇଲି ।
ଦେଉଳ ଗୃହପିଠିଯାକ ଚଉଢ଼ ମଣ୍ଡାଇଲି,
ତଡ଼େ କଉଡ଼ି ଝଣା ହେଲା କନ୍ୟା ମୁଲଇଲି ।
କନ୍ୟା ହାତରେ କାଚ ପୋଡ଼ିକା ରୁଣୁଝୁଣୁ ବାଜେ,
ଚୋଉ ବେଢ଼ରେ ସୁନା ପଇତା ଖଣ୍ଡେହୂରକୁ ସାଜେ ।
ଯେତେହେଲେ ସୁନାପଇତା ଗୁଣ ଯେବେ ନାହିଁ,
ବ୍ୟର୍ଥ ଜୀବନ ତେବେ ବନ୍ଧୁ କାହିଁ ପାଇଁ ?

Digitized by srujanika@gmail.com

# ଡାମରା କାଉ

ଡ଼ାମରା କଉ ରେ ଡାମରା କାଉ,
ଉଷ୍ଣ ପରବତେ ବୋବାଉଥାଉ ।
ଉଷ୍ଣ ପରବତ ଧୁସ୍ତୁଧୁସ୍ତୁକା
ତହିଁରେ ବସିଛୁ ତିନ ମଞ୍ଜିକା ।
ତିନ ତିନ ପଣ ଅଠର ପଣ,
ଭାଇଙ୍କୁ ଡ଼କାଇ କଉଡ଼ି ଗଣ ।
କଉଡ଼ି ଗଣୁଁରେ ପାହିଲା ରାତି,
ଗୋରୁ ନେଇଗଲା କଙ୍କଳପାତି ।
ଷାଠିଏ ଟଙ୍କାର ବଳଦ ମଲା,
ଏକା କାଳି ଗାଈ ମଥାନ କଲା ।
ଅସ ଗୋ ସଙ୍ଗାତ ଗାଧୋଇ ଯିବା,
କଇଁଆ କାକୁଡ଼ି ତୋଳି ଅଣିବା ।
କଇଁଆ କାକୁଡ଼ି ମୂଣ୍ଡ଼ରେ ପିତା
ଛଅ ବୋହୂଙ୍କର ଛଅ ଦୁହିତା ।
ମଝିଆଁ ବୋହୂ ଯେ ଲବଙ୍ଗଲତା,
ସବାସାନ ବୋହୂ ଗଜମୁକୁତା ।
ଲବଙ୍ଗଲତାକୁ ଗଜମୁକୁତା,
କହିଲେ ଭଉଣୀ, କହ ଗୋ କଥା ।
ସୁଖ କହିବ କି ଦୁଃଖ କହିବ,
ଅଙ୍ଗେ ନିଭ୍ରଳିବା କଥା କହିବ ।

Digitized by srujanika@gmail.com

୨

ସଧବ ଘରର ଛଅଟି ପୁଅ,
ରଙ୍ଗାଘରେ ଥିଲେ ଛଅଟି ଝିଅ ।
ଛଅ ଭାଇଯାକ ବୋଇତେ ଗଲେ,
ଦେଶ ବିଦେଶରେ ବଣିଜ କଲେ ।
ଅଷ୍ଟଧାତୁ ନବରତନ କେତେ,
ତାହାଙ୍କେ ଭରିଲେ ଯାହାଙ୍କୁ ଯେତେ ।
ମଝି ଦରିଆରେ ଝଡ଼ ବହିଲା,
ଅଥପାମଣ୍ଡପେ ବୋଇତ ଗଲା ।
ଅଥପାମଣ୍ଡପେ ଅସୁର ପୁଅ,
ଲାଗିଅଛି ଛଅ ରଙ୍ଗାର-ଝିଅ ।
ଅସୁରଙ୍କୁ ମାରି ହୋଇଲେ ବାହା,
ଛଅ ଭଉଣୀ ଯେ ଛଅଟି ଯାଆ ।
ପରଶ ପଥର ମାଆ ଯେ ଦେଲେ,
ଛଅ ଝିଅଯାକ ପଣତେ ନେଲେ ।
ପକ୍ଷୀରାଜ ଘୋଡ଼ା ଛଅଟି ଭାଇ,
ରଙ୍ଗା ଘରୁ ନେଲେ ଯୌତୁକ ପାଇ ।
ଛଅ ବର କନ୍ୟା ଚଢ଼ିଣ ଗଲେ,
ଆପଣା ଭାଇଙ୍କେ ମିଳିଲେ ଭଲେ ।
ଦୂବ ବରକୋଳି ବନ୍ଦାଣଥାଳୀ,
ବନ୍ଦାଇଲେ ସାତ ସଧବା ବାଳୀ ।
ଧନ ଜନ ଦେଖି ଗଲେ ସେ ଘର,
ସରିଗଲା ଏଠି କଥା ମୋହର ।

Digitized by srujanika@gmail.com

# ନାନାବାୟା ଗୀତ

ବରଷା ରାତିରେ 'ଯେ ଯାହାର ଘରେ
ଶୁଅନ୍ତି ସମସ୍ତେ ଯାଇଁ,
କେଉଁଠାରେ କଏ ଗୀତ ଗାଉଥାଏ
ପିଲା ଶୁଆଇବା ପାଇଁ ।
ପହିଲି ଅଷାଢ଼େ ବରଷଇ ମେଘ
ଅଣୁଅଣି ହୁଏ ପାଣି,
ପାଣିରେ ଡଅଁନ୍ତି ଫକର ଫକର
ବେଙ୍ଗ ଆଉ ବେଙ୍ଗରାଣୀ ।
ଗହନେ ବାଜଇ ଯୋଡ଼ି ମହୁରି ଗୋ
ଘନ ଘନ ରାବେ କାକ,
ବହୂ ବାପ ଘରୁ ଜ୍ୱର ଆସୁଛି ହୋ
ଶୁଭଇ ଉଠିଆ ଡାକ ।
ଆକାଶରେ ଚାଲେ କଳା ବଉଦ ଗୋ
ଝୁଲି ଝୁଲି ବଢ଼େ ବାଆ,
ବସା ଗଛ ଅଢ଼େ ଉଡ଼ିଯାଏ ବାଉ
ରାବ ଦେଇ କାଆ କାଆ ।
ଝୁଲୁ ଝଲୁ ଝଲେ ଝୁଲୁଝଲୁଅ ଗୋ
ଶାଶୁ ଘରେ ଗଲେ ଡର,
ମାଆ ଯାଇଛନ୍ତି ମାମୁଁ ଘରକୁ ଗୋ
ଭରଡେ ଆସିବେ ପରା !

Digitized by srujanika@gmail.com

ଦୁଙ୍କା ସୃରପିଠ ଫୁଟିଛି ଛତୁ ଗୋ
କଏ ସେ ଛତୁ ତୋଳିଲା,
ଦୁଇକୂଳ ଖାଇ ପର୍ବତ ପ୍ରମାଣେ
ନଈ ତ ମାଡ଼ ଅସଲା ।
ଅଙ୍କାଡ ପାଣିରେ ଶାଗୁ ନଣ୍ଡାଦଙ୍କ
ଗଞ୍ଜଣା ସହୁ ନ ପାର,
ବିସର୍ଜନ ଦେଲା ସୁବର୍ଣ୍ଣପ୍ରତିମା
କାହାର ଏ ନବନାସି ?
ଶ୍ରାବଣର ଧାର ଶୋକପସରୀ ଗୋ
ବାଟ ଗୃଳେ ବଳଦଅ,
କେଉଁଣେ ଯାଉଛ ରେ ବଳଦଅ ଭାଇ
ମେଘ ତ କଳାହାଣ୍ଡିଆ ।
ଗାଆଁ ଉଳ ବଳେ ମଇଁଷିପଲ ଗୋ
କୁହାଟେ ମଇଁଷିଅଳ,
ମଇଁଷ ଦୁଧକୁ ବାସ ଗୃଜିଲ ଗୋ
ଛାଳବାକୁ ଘଷିଫାଳ ।
ପୋଖରୀ ହୁଡାରେ ଦୁଡୁସିପଲ ଗୋ
କଏ ସେ କଣ୍ଟା ମାଡ଼ିଲା,
ଜମ୍ବୁର ଡାଳରେ ଗୀତ ଗାଏ ଚଢ଼ା
ପବନ ଖିରେ ବହୁଲା ।
ନଈ ସେପାରିରେ ଘୋର ଅନ୍ଧାର ଗୋ
କଏ ସେ ଗୀତ ଗାଉଛୁ,

Digitized by srujanika@gmail.com

ରହ ରହ ଅହୋ ବଦେଶୀ ବାଟୋଇ
ମେଘ ତ ମାଡ଼ି ଅସୁଛ ।
ଶ୍ରାବଣ ମାସରେ ଘୋର ବାରଷା ହୋ
ଶୁଭେ ଘନ ଗରଜନ,
ପଙ୍କତ ନାସୀର ମହାବଳ ବାଘ
ଛେପି ବୁଲେ ଗ୍ରାମ ବନ ।
ଗିରି ଗହନରେ ଝରଇ ଝରଣା
ମୟୂର ରୁବ ଦଅଇ,
ପର୍ବତ କୋଳରୁ ଡେଙ୍କ ଯାଏ ନଈ
ଦୂର ସିନ୍ଧୁ ପାଶେ ବହି ।
ପଶୁ ପକ୍ଷୀ ନର ଗଛ ଘର ଦ୍ୱାର
ଭସିଯାଏ ଜଳ ସଙ୍ଗେ,
ଜଳମଗ୍ନ ଦଣେ ଡଡ଼ୁଦଣପାଙ୍କ
ପିନ୍ଧ ଗୀତ ଗାନ୍ତ ରଙ୍ଗେ ।
ମେଘ ବରଷିଲ୍ଲ ଝପର ଝପର
କେଣୁର ମାଇଲ୍ଲ ଗଙ୍ଗା,
କେଉଁ ସ୍ଥଳରେ ରହିଲେ ମୋ ରଜା
ଡେଲଙ୍ଗି ବାଇଦ ବଜା ।

## ହୋଓ ରେ ବାଇଅ ହୋଓ

ବିଲରେ ପାଚଇ ରଙ୍ଗଣୀ ଧାନ ଗୋ
ହୋଓ ରେ ବାଇଅ ହୋଓ,

ଯେଉଁ କଅଁରରେ ବହୁତ ଧାନ ହୁ
ସେହି କଅଁରରେ ଶୋର୍ଓ ।
ଝୁଣ୍ଟୁ ଝୁଣ୍ଟୁ ପାଣ ବାସନା ଧାନ ଗୋ
ନାଲି ଗୁଲ୍ଲ ଗୁଲ୍ଲ ଦଣେ,
ଥାଳ ଗୃଳ ଦେଲେ ଗୋଟିଏ ପାଖରୁ
ଭୁଲିଣ ଅସିବ କି ସେ । ୧ ।
ଖେଦୁଅ ମାସରେ ମାଣ୍ଡିଅ ପାଚଇ
ହୋର୍ଓ ରେ ବାଇଅ ହୋର୍ଓ
ଯେଉଁ କଅଁରରେ ଗହଳ ମାଣ୍ଡିଅ
ସେଇ କଅଁରରେ ଶୋର୍ଓ । ୨ ।
ମାଣ୍ଡିଅ ବାରଦେ ଶଳସ୍ତ ବାଡ଼ ଗୋ
ଝୋବେଇ କୃଷ୍ଣେଇ ଫୁଲ
ଝୋପଲ ଧରଣ କୃଷ୍ଣ ତୋଳବ ଗୋ
କିଏ ଦେବ ତାର ମୂଲ ?
ଥିର ଥିର କର ତୋଳବୁ କୃଷ୍ଣ ରେ
କଣ୍ଠା ପଶିଯିବ ହ ତେ
ଲଷେ ଚମ୍ପା ଦେଇ କେତେ ଅଦ୍ଭରରେ
ଧନ ରେ ପାଇଛ ତୋତେ । ୩
ବାଙ୍ଗ ଗୃହ ପାଖେ କଣ୍ଟେଇକୋଳି ଗୋ
କୃଷ୍ଣ ତୋଳ ଯିବ ନୋଳି
କୋଳି ଖାଉଁ ଖାଉଁ ଶିଅଝି ଲଟାରେ
କୃଷ୍ଣ ଖେଳୁଥିବ ଦୋଳି ।

Digitized by srujanika@gmail.com

ଶିଅଷବଣରେ ବାଇଆ ବସା ଗୋ
ଦୋଳି ରେ ବାଇଆ ଦୋଳି,
ଯେଉଁ କିଅରିରେ ଗହଳ ଧାନ ଲୁ
ସେଇ କିଅରିରେ ଶୋଇ । ୦ ।
ବାଇଆ ପୁଅଝି ଭସ ଯାଉଛି ସେ
ବାଅ ଭଲେ ଦୋହଲୁଛି,
ଲମ୍ବ ତାଲଗଛ ବାଉଁ ବରଡ଼ାରେ
ବସାରେ ବସିଛି ଲୁଚି ।
ଗଜା ବଜଦକୁ ଖର ପବନ ଗୋ
ଉଡ଼ାଇ ନିଏ ବନ୍ଧନ ।
ଦାଣ୍ଡ ତାଲଗଛ ଦୋହଲ ଦୋହଲ
ବାୟା ଘରେ ଘନ ଘନ । ୧ ।
ଦୂର କୂଳ ଖାଇ ବଢ଼ିଅଛି ନଈ
ପାଲରେ ପାଣଛି ଧାନ,
ପଲ ବାନ୍ଧ ପକ୍ଷୀ ଅକାଶେ ଉଡ଼ନ୍ତି
ଶୁଭୁଥାଏ ତାଙ୍କ ଗାନ ।
ତା ଶୁଣି ପିଲ୍ଲେ ଗାଉଛନ୍ତି ଗୀତ
ଦୋଳି ରେ ବାଇଆ ଦୋଳି,
ଯେଉଁ କିଅରିରେ ଗହଳ ଧାନ ଲୁ
ସେଇ କିଅରିରେ ଶୋଇ । ୨ ।

Digitized by srujanika@gmail.com

# ମାତୃସ୍ନେହ

କହୁଛନ୍ତି ମାତା ଦୁଃଖରୁ ଦୁଃଖୀର
ବାହୁନି ଉତ୍କଣ୍ଠପଣ,
ଏମନ୍ତ ଉତ୍କଣ୍ଠ କାହିଁକି ହେଲୁ ତୁ
ଅରେ ମୋର ଗଣ୍ଠିଧନ !
ବାପା ତୋର ଦୁଃଖ ଏକବାକ୍ୟ ରେ
ଲୁହ ହେଲୁ ସେହୁପର,
ଦିନରାତି ତମ ସେବା ନ ସରଇ
ବାପ ପୁଏ ଏକା ସରି ।
ମୁହିଁ ଯେବେ ମୃତ ମାମୁଘର ଯିବ
ଚଳିବୁ କି ବାପଧନ,
ଖରାରୁ ଛାଇକି କିଏ ଡାକିବ କି
ଅରେ ମୋ କୁଳନନ୍ଦନ ।
ଅଫିଟା ଖଣି ମୋ ମଣ୍ଡୁଡ଼ମଣି ରେ
ମୋ ଚମ୍ପାଗୁଣ୍ଡୁ ଲୁହ,
ସ୍ତନ ନ ଛୁଟଇ ନିଦ ନ ମାଡ଼ଇ
ପାଖେ ନ ଦେଖିଲେ ମୁହିଁ ।
ଚନ୍ଦ୍ରମାବଦନୁଁ ଝାଳ ବୋହୁଥିଲେ
ପଣତେ ପୋଛିବ କେହୁ,
ବଳେଇ ବଳେଇ ଭାତ ଖୋଇ ଦେବ
ଧୂଳି ଝାଡ଼ି ଦେଇ ଦେହୁଁ ।

Digitized by srujanika@gmail.com

ପିଠି ଅଇଁଷିଣ   କୋଳେ ବସାଇଣ
ଅଖିରୁ ପୋଛିଣ ଲୁହ,
ମୁହଁ ଚୁମି ଚୁମି   ଗୀତ ଗାଇ ଗାଇ
ବୋଧ ଦେବ କିଏ କହ ।
କାଖ କରି କିଏ   ସାଇ ବୁଲାଇବ
ଗହୁଁ ଦେବ ଫୁଲ ତୋଳି,
ଚଢ଼େଇଙ୍କ ଗୀତ   କିଏ ଶୁଣାଇବ
କିଏ ଖେଳାଇବ ଦୋଳି ?
ନଈ ପୋଖରୀକୁ   ଗାଧୋଇ କେ ନେବ
କିଏ ଦେଖାଇବ ଜହ୍ନ,
ମୁହଁକୁ ଅନାଇଁ   ଭୋକବେଳ ଜାଣି
ଖୋଇବ ମନାଇ ମନ ?
ମାତା ମୁଖ ଚୁହିଁ   କହୁଛନ୍ତି କୃଷ୍ଣ
ମାମୁଘର କୁ ନ ଯିବୁ,
ମାମୁଘର ଗଲେ   ତୋହ ସଙ୍ଗତରେ
ମତେ ଯିନା ନେଇଯିବୁ ।
ମତେ ଛାଡ଼ିଗଲେ   କେମନ୍ତ ପ୍ରକାରେ
ଏକୁଟିଆ ମୁଁ ରହିବ,
ଥିର ହୋଇ ଏବେ   ଗାଧୋଇ ଖାଇବ
ଅଉ ଉଚ୍ଛଟ ନୋହିବ ।

Digitized by srujanika@gmail.com

# ନାନାବାୟା ଗୀତ

ବା

## ଶିଶୁରଞ୍ଜନ

( ଦ୍ୱିତୀୟ ଭାଗ )

—*—

### କୁଜିକାଉ

—*—

କୁଜି କାଉ ରେ କୁଜି କାଉ,
କାଆ କାଆ ରାବ କଉଣ ଗାଉ ?
ପାର୍ବତୀ ଦେଇ ଗୋ ପାର୍ବତୀ ଦେଇ,
ବାରତା ଦଅଇ ସଭିଙ୍କୁ ନେଇ ।
ବନ ପରବତ ଡେଇଁ ମୁଁ ଯାଏ,
ଘର କଥା ନେଇ ପ୍ରବାସେ ଦଏ ।
ମୋ ରାବ ଶୁଣନ୍ତେ ପ୍ରବାସୀ ଜନ,
ଘରକଥା ଭାଳ ବରସ ମନ ।
ବିଦେଶୀ ବାରତା ଶୁଣି ମୁଁ ଆସେ,
ଉଡ଼ି ରାବେ ଆସି ତା ଘର ପାଶେ ।
ଟୁଜଲ ଅଧାର ପାଇଲେ ମୁହିଁ,
ସବୁରି ବାରତା ଦଏଇ କହି ।
କୁଢ଼ କୁଢ଼ ଦେଲେ ଅଧାର ମତେ,
ଆଗ ଖାଇ ମୁହିଁ କହିବ ସତେ । ୨ ।

Digitized by srujanika@gmail.com

କୁଞ୍ଚ କାଉ ରେ କୁଞ୍ଚ କାଉ,
ବାପାଙ୍କ କଢ଼ିକି ସତେ କି ଯାଉ ?
ମୋ ବାପା ଅଛନ୍ତି ବହୁତ ଦୂରେ,
ଉଡ଼ି ଯାଅ କାକ ସମ୍ବଲପୁରେ ?
ଦେଉଛୁ ଅଧାର କାଉ ରେ ଖାଅ,
ବାପାଙ୍କ ବାରତା କହୁ ତୁ ଯାଅ ।
କେତେ ଥର ଖାଇ ଯାଉ ଅଧାର,
ବାପା ତ ଅସନ୍ତି ନାହିଁ ରେ ଘର ।
ଦାଣ୍ଡଦୁଆରେ ମୁଁ ଅନାଇଥାଏଁ,
ବୃଥା ହେଲେ ଦୁଃଖେ ଘରକୁ ଯାଏଁ ।
ବିକଳ ହୁଏ ମୋ ମନ ଯେସନ,
ନୁହେଁ କି ସେପରି ବାପାଙ୍କ ମନ ?
ତେବେ କିପାଁ ବାପା ଅସନ୍ତି ନାହିଁ,
ସାହେବ ଦୂରକୁ ଦେଲେ ପଠାଇ ?
କୁଞ୍ଚ କାଉ ରେ କୁଞ୍ଚ କାଉ,
ମତେ ମିଛ କହୁ କି ଯଶ ପାଉ ।
ଏଥର କହିବୁ କାଉ ରେ ସତ,
ଖାଇବାକୁ ଦେବି ବାସନା ଭାତ ।
ପିଇବାକୁ ଦେବି ନଢ଼ିଆ ପାଣି,
ବାପାଙ୍କ ବାରତା ଦେବୁ ତୁ ଅଣି । ୨ ।
ଏଥର ଅସିଲେ ବାପା ଘରକୁ,
ନ ଛାଡ଼ିବି ଅଉ ବିଦେଶେ ତାଙ୍କୁ ।

Digitized by srujanika@gmail.com

ଯେବେ ସେ ମୋ କଥା ନ ମାନ ଯିବେ,
ପୁଣି ଆମ ଘରେ କିପାଁ ଆସିବେ ?
ଯେବେ ଯିବେ ତେବେ ସଙ୍ଗରେ ଯିବି,
ବାପାଙ୍କ ସଙ୍ଗତେ ସର୍ବଦା ଥିବି ।
ତାଙ୍କରି ସଙ୍ଗରେ ଗାଧୋଇ ଖାଇ,
ତାଙ୍କରି କୋଳରେ ପଡ଼ିବି ଶୋଇ ।
ମତେ ସଙ୍ଗେ ସଙ୍ଗେ ଘେନି ବୁଲିବେ,
ସଞ୍ଜବେଳେ କାଉ ଗୀତ ଶୁଣିବେ ।
ଅରେ କାକ ତୁହି ଉଡ଼ିଣ ଯିବୁ,
ବାପାଙ୍କୁ ମୋ ମନ କଥା କହିବୁ ।
ବୋଉ ମତେ ମାରେ ଖାଇବାପାଇଁ,
ବାପା କିପାଁ ଧାଇଁ ଆସନ୍ତି ନାହିଁ ।
ତାଙ୍କୁ ଦେଖି ବୋଉ ମାରିବ ନାହିଁ,
ଚଞ୍ଚଳ ଚଞ୍ଚଳ ଦେବି ମୁଁ ଖାଇ ।
ଭାତ ଖାଇ ତାଙ୍କ ସଙ୍ଗେ ଯାଆନ୍ତି,
ନଈ ନାଳକୂଳେ ବୁଲି ଆସନ୍ତି ।
ସଞ୍ଜ ହେଲା କାକ ଯାଅ ରେ ଉଡ଼ି,
ସୂର୍ଯ୍ୟଦେବତା ତ ଗଲେଣି ବୁଡ଼ି । ୩ ।

Digitized by srujanika@gmail.com

## ଘରଚ୍ଛଅଳୀ

—*—

ଘରଚ୍ଛଅଳୀ ରେ ଘରଚ୍ଛଅଳୀ ତୁ
କେଉଁ ଦେଶେ ତୋର ଘର ?
ସଙ୍ଗୀ ଯେବେ କାହ୍ନୁଁ ଅଟିଣ ଓଲମ୍ବୁ
କାହ୍ନୁ ଘର କି ସୁନ୍ଦର ।
ତୁହୁ ଯେତେବେଳେ ଓଲମ୍ବୁ ରେ ଘର
କାହ୍ନୁ ଯାଏ ଆନ ଘର,
ପର ହୋଇ ତୁହୁ ରହୁ କାହ୍ନୁ ଘରେ
ନିଜ ଘରେ କାହ୍ନୁ ପର ।
ପିତା ମାତା ଭାଇ ନ କହନ୍ତି କିଛି
ଆପଣା ଘର ଗୃଜର,
ଘର ଚିଙ୍କି ପୁଣି କୁମ୍ଭୀର ହୋଇ ସେ
ତୋ ସାଙ୍ଗେ ଓଲମ୍ବରେ ଘର ।
କାହ୍ନୁ କହେ କାନ୍ଦ, ଏ ଘରଚ୍ଛଅଳୀ
ବପାଁ ଅମ୍ଭ ଘର ଭାଙ୍ଗେ,
ଏ ସୁନ୍ଦର ଘର କି କଳ୍ପ ସେ ଅଛି
ମାଗଇ ମୁଁ ତାକୁ ଡାଙ୍ଗେ,
କବାଟକଣରେ ଲୁଚି ନୂଅ ବୋହୂ
କାଢିଚ ଗୃଙ୍ଗଡା ବୁଣି,
"ସୁଅଙ୍କର ବୁଦ୍ଧି ଦେଖ ସାଆନ୍ତାଣି"
କହେ କାହ୍ନୁ କଥା ଶୁଣି ।

Digitized by srujanika@gmail.com

ତାଙ୍କ ହସ ଦେଖି    ବାବା ହୁଏ କାହ୍ନୁ
ହସୁଥାନ୍ତି ପିତା ଭ୍ରାତା,
ଆଖି ଛଳ ଛଳ    ଦେଖି ଚୁମା ଦେଇ
କୋଳକୁ ନିଅନ୍ତି ମାତା ॥ ୧ ॥
ଘରଛଅଳୀ ରେ    ଘରଛଅଳୀ କୁ
କେଉଁଅଛେ ତୋର ଘର,
ସମସ୍ତେ ତୋହର    କାହ୍ନୁ ହେଲ ଏକା,
ଏଥିରେ ଜୟ ତୋହର ।
ଚିନ୍ତା କରି କରି    ଶୋଇ ପଡ଼େ କାହ୍ନୁ
ମନେ ତାରି ସ୍ୱଗ ଘର,
ସ୍ୱପନରେ ଛଣ—    ବଡ଼ା ଧରି ଘର-
ଛଅଳୀକୁ ଦଏ ମାରି ।
ନିଦ୍ରାରେ ଏ ଚେଷ୍ଟା    ଦେଖିଣ ଜନନୀ
କରନ୍ତି ତା ଜାଗରଣ,
ଉଠି ଶୁଣେ କାହ୍ନୁ    ନୂଆ ବୋହୂଙ୍କର
ଓହ ଓହ ହସସ୍ୱନ ।
ଦେଖେ ମାନ ସତ୍ୟ    ବୋହୂଙ୍କର ହସ,
ଅଉ ତ ସବୁ ସ୍ୱପନ,
ଘର ଛଅଁ ଘର    ଟିଆ ହୋଇଅଛି
କେବଳ ଧବଳ ବନ ।
ଲପା ପୋଛ ହେଲେ    ସ୍ୱଚ୍ଛ ବାଢି ବୋହୂ
ଡାଲି ଭାତ ପରଶନ୍ତି,

Digitized by srujanika@gmail.com

କାହ୍ନୁ ବାଳୋଚିତ ଅଛତା ସ୍ନେହରେ
ଇଙ୍ଗିତ କର ପ୍ରସନ୍ନ ।
କେଉଁଅଛେ ଗଳ୍ପ ପିଲ୍ଲ ଧନ କଥା
କେଉଁଅଛେ ପିତା ମାତା,
ସ୍ୱଇବବାଦରେ ସେହୁ ଭ୍ରାତୃଜାୟା
କାହ୍ନୁକୁ ନ କହେ କଥା । ୨ ।

# ଅଦିନ ମେଘ

ଖସ୍ର କରୁଅଛ ମେଘ ବରଷୁଛ
ବଲ୍ଲଅ ପୁଅର ବଗ୍ର,
ଗାତରୁ ବାହାର ହୁଡ଼ରେ କଙ୍କଡ଼ା
ଖସ୍ର ପଡ଼ିଁଛନ୍ତି କବା ।
ଘୋର ଘଡ଼ଘଡ଼ି ଘଡ଼ଘଡ଼ ରଡ଼ି
କମ୍ପେ ପ୍ରାଣ ତାହା ଶୁଣି,
"ଗରଜିଲ୍ଲ ମେଘ ନ ବରଷେ ପାଣି"
କଏ କହୁଥାଏ ପୁଣି ।
ଜକ ଜକ ମେଘ ଦଶଇ ବଜୁଳ
ତାଳଗଛ ଯାଏ ଜଳି,
ପିଲ୍ଲଏ ଶୁଣିଣ ମେଘ ଗରଜନ
ଛାଡ଼ନ୍ତି ଉଚ୍ଚ ଅଳ ।

Digitized by srujanika@gmail.com

ବଢୁଳ ଦେଖାଏ　　　ଜୀବର ଜୀବନ
ଦଣ୍ଡେ ଘୁଞ୍ଚାଇଲା ପରେ
ଶବଦ ମାତର　　　ଘଡ଼ଘଡ଼ି ବିନା
ତା'ହାକୁ କିପାଇଁ ଡର ।
ପାଣି ସଙ୍ଗେ ପଡ଼େ　　　ସୁରଗ ପଥର
ତାହା ଦେଖି ପିଲାମାନେ
ସାଉଁଟି ଖାଇଣ　　　ଗୀତ ଗାଉଥାନ୍ତି
ନାଚ କୁଦ ତାନମାନେ ।

## ଅକାଶ

ଅକାଶ କେମନ୍ତ ସୁନ୍ଦର
ଅସଂଖ୍ୟ ଗ୍ରହଙ୍କର ଘର ।
ସୂର୍ଯ୍ୟ ଚନ୍ଦ୍ରମା ଧରୁ ତାରୁ
ପବନ ବରଷାଠାରୁ ଧ'ରୁ—
ତୋ ମଧ୍ୟେ ସମସ୍ତଙ୍କ ବାସ
ଅହା କି ସୁନ୍ଦର ଅକାଶ !
ନୀଳ ହରିଦ୍ରା ରକ୍ତ ରଙ୍ଗ
କରେ ଶୋଭନ ତୋ ଧଳା ଅଙ୍ଗ ।
ଅସଂଖ୍ୟ ତାରକାମଣ୍ଡିତ
ନୀଳ ଅକାଶ କି ଶୋଭନ ।

Digitized by srujanika@gmail.com

ଦିବସ ସନ୍ଧ୍ୟା ରାତି ଊଷା
ପିନ୍ଧୁ ଛୁ ନବ ନବ ଭୂଷା ।
ଗ୍ରୀଷ୍ମ ବରଷା ଶରତ
ହେମନ୍ତ ଶିଶିର ବସନ୍ତ
ଷଡ଼ ଋତୁରେ ବେଶେ ବେଶେ
ସାଜୁ ଛୁ ନୂଆ ନୂଆ ବେଶେ ।
ବଢିଆ ସୁନ୍ଦର ଅମ୍ବର !
ଅନେକ ଶୋଭରାଶି ଧର ।
ଯେଣେ ଅନାଏଁ ଯେଣେ ଯାଏଁ
ତେଣେ ମୁଁ ତୋହ ଦେଖାପାଏଁ ।
କହ ଆକାଶ କହ ମୋତେ,
ଦେଲା ଏ ରୂପ କିଏ ତୋତେ ?

## ପାହାନ୍ତା

ରାତି ପାହିଲାଣି କାକ ରାବିଲାଣି
ପୂରୁବ ଆକାଶ ସିନ୍ଦୂରମୟ
ବହଇ ଶୀତଳ ପାହାନ୍ତା ପବନ
କି ସୁନ୍ଦର ଏହା ଏହି ସମୟ !
ପକ୍ଷୀମାନେ ଆସି ଡାଳେ ଡାଳେ ବସି
ଗାଉଛନ୍ତି ଗୀତ କିବା ସୁନ୍ଦର,

Digitized by srujanika@gmail.com

ଶୁଣିଲେ ସେ ଗୀତ ଲୁଖିଯାଏ ଚିନ୍ତା,
ଉଠ ଉଠ ଅଳ ମଠ ନ କର ।
ଗଛରୁ କାକର ପଡ଼େ ଝର ଝର
ବନ୍ଦୁ ବନ୍ଦୁ ମଣି ଘାସ ପଥର,
ଇନ୍ଦ୍ରନୀଳମଣି ଗଛରେ ଫଳିଛି
ସ୍ୱଚ୍ଛ ସ୍ୱାଦୁ ଫଳ କିବା ସୁନ୍ଦର ।
ନାନାଜାତି ଫୁଲ ଫୁଟି ଚହଟଇ
ଦଗ ମହକଇ ଫୁଲ ସୁବାସେ,
ମିଠା ମିଠା ଖସ୍ୱ ପିଚ୍ଛା ଗଛ ପହେ
କିବା ବୃନ୍ଦାବନ ଶୋଭା ପ୍ରକାଶେ ।
ଏ ନୀଳ ଆକାଶ ସୁନ୍ଦର ପୃଥିବୀ
ଯାହାଙ୍କ ମହିମା ପ୍ରଚାର କରେ,
ସେ ପ୍ରଭୁଙ୍କ ନାମ ଚାଲ ହେ ଗାଇବା
ଏ ପବିତ୍ର କାଳେ ଭକତିଭରେ ।

## ବାଟୋଇ ଓ ନାଉରିଆ

### ବାଟୋଇ

ମେଘ ବରଷଇ ବିଜୁଳି ମାରଇ
ପବନ ବହଇ ଖର,
ବାଟ ଚାଲି ଚାଲି ପଡ଼ିଛି ମୁଁ ଥକି
ଦୂର ଦେଶ ମୋର ଘର ।

Digitized by srujanika@gmail.com

ଘୋର ଗରଜନେ ଦଗ ଚମକଇ
ମେଘ ତ କଳାହାଣ୍ଡିଅ,
ଅନେକ ଦୂରର ବିଦେଶୀ ବାଟୋଇ
ନାବ ଅଣ ନାଉରିଆ ।
ନାଉରିଆ ।

ଦୁଇ କୂଳ ଖାଇ ଉଛୁଳଇ ନଈ
ଖରେ ବହୁଅଛି ବାଆ,
ମେଘ ଗରଜଇ ବିଜୁଳି ମାରଇ
କେମନ୍ତେ ମୁଁ ନେବି ନାଆ ?

ଲହଁରି ଖେଳାଇ ଫେଣ ଚବକାଇ
ଘୋର ଗରଜଇ ନଈ,
ଅକାତ ପାଣିରେ ଅଥଳ ନ ମାନେ
କେମନ୍ତେ ନାବ ନେବଲିଁ ।

ବାଟୋଇ

ଘଡ଼ ଗଡ଼ ପାଠ ଏପାରି ପାଲଟେ
ଝିର ଝିର ବହେ ବାଆ,
ନାହିଁ ଜନ ପ୍ରାଣୀ କାଉ କୋଇଲି ରେ
ନାହିଁକି ରେ ତୋର ମାୟା ?

ଠକ ଠକ ପଡ଼େ ସରଗ ପଥର
ସାଙ୍ଗେ ସାଥୀ କେହି ନାହିଁ,
ବହୁ ଦୟା ଭାବି ବାହୁଅଣ ନାବ
ଅରେ ନାଉରିଆଭାଇ ।

Digitized by srujanika@gmail.com

ନାଉରିଆ

ବନସ୍ତେ ଗରଜେ ଲତା ପତର ଢୋ
ଅକାଶେ ଗରଜେ ଘନ,
କେମନ୍ତେ ବାହିବ ସେପାରିକି ନାଆ ?
ବହେ ପୂରବେଇ ପବନ ।
ଡରୁଅଛୁ ଅରେ ବଟୋଇ ଭାଇ ତୁ
ଦେଖି ବିଲ ନଈଟିଆ,
କେଉଁ ଘାଟରେ ମୁଁ ବାହି ନେବି ନାବ
ନଈ ବଡ ଗମ୍ଭୀରିଆ ।

ବାଟୋଇ

ବହୁତ ଦିନରୁ ଦୂର ପରବାସୀ
ମନ ମୋର ଛନ ଛନ,
ଘରେ ଛନ୍ତି ମୋର ନୟନପିତୁଳ
ଦେଖିବାକୁ ବଡ ମନ ।
ମୁଣ୍ଡ ଗୁଞ୍ଜିବାକୁ ନଈ ଏପାରିରେ
ନାହିଁ ନାହିଁ ଛଲେ ଠାଇଁ,
ଥରି ଉଠୁଅଛି ପାଣି ପବନରେ,
ନାବ ଅଣ ବେଗେ ବାହି ।

ନାଉରିଆ

ଲୁହାଇ ଲୁହାଇ ମେଘ ବରଷଇ
ନଈରେ ତ ଖର ସୁଅ,
କେଉଁ ଘାଟରେ ମୁଁ ନାବ ବାହି ନେବି
ମୁହିଁବ ନ ଦଣେ ମୁହିଁ ।

Digitized by srujanika@gmail.com

ଦେଖିବୁ ଘରେ ତୁ    ନୟନପିତୁଳି
ତେଣୁ ଉଚ୍ଛୁଳୁ ତୋ ମନ,
ବାହା ଓଳ ତଳେ    ଠିଆ ହେବେ ପିଲ୍ଲ,
ଯେବେ ଯିବ ଏ ଜୀବନ ।

ବାଙ୍ଗୋଲ

କୁଳର ଅଙ୍କୁର    ନୟନପିତୁଳା
ଅନ୍ଧ-ନଇଡ଼ ମୋହର,
ଏକୋଇର ବଳା    ବଣିକେଶନ ମୋ
ଭରିଅଛୁ ତାକୁ ଜର ।
ମାଆ ତାର ହୋଇ    ବାଇଆଣୀ ପରି
ଲେଖି ଶନସ୍ତୁ ପତର,
ବସିଲା ଠାବରୁ    ଉଠି ଆସିବାକୁ
ପଠାଇ ଥିଲା ଖବର ।
ମଉଷଧ୍ୱ ନେଇ    ତର ତର ହୋଇ
ନ ମାନ ପାଣି ପବନ,
ଦୂର ବଦେଶରୁ    ଯାଉଅଛୁ ଘରେ
ରଖିବ ତାର ଜୀବନ ।

ନାଉରିଆ

ବରଷ ପଛକେ    ଘୋର ବରଷା ରେ
ବନ୍ଧୁ ପଡ଼ିଛି ଖର ବାଅ,
ଗୁଅ ପାଣି ପଛେ    ତଡ଼ି ନେଇ ଯାଉ
ତଳକୁ ତଳକୁ ନାଅ ।

Digitized by srujanika@gmail.com

ପଡ଼ୁ ପଛେ ମୋତେ ଘୋର ବିପଦ ରେ
ପାର କର ଦେବ ତୋତେ,
ଦୟାମୟ ହରି ଯନେ ଦୟା କରି
ଉଦ୍ଧାରିବେ ଭଜି ମୋତେ ।
ବିପଦ ପଡ଼ିଲେ ବାଠୋଇ ସ୍ୱର ରେ,
ସାହା ଯେ ନୋହେ ଅନନ୍ତ,
ତାହାର ଜୀବନ ମରଣ ସମାନ,
ଧିକ ତାହା ଜୀବନକୁ !

## ବାଳିକା ଓ ପକ୍ଷୀ

ବାଳିକା

ସାନ ଚଢ଼େଇ ରେ ସାନ ଚଢ଼େଇ ଲୁ
ମୋ ପାଖକୁ ଆସ ଧାଇଁ,
ଶାଗୁଆ ବନର ପିଞ୍ଜରାଟିଏ ମୁଁ
ରଖିଛି ତୋହର ପାଇଁ ।
ଅନେକ ସୁନ୍ଦର ତୋର ଫୁଲମାନ
ଦେବ ମୁହିଁ ତୋତେ ଆଣି,
ପାଚିଲା ପିଜୁଳି ଦେବି, ଲାଗିଥିବ
ଯହିଁରେ କାକର ପାଣି ।

Digitized by srujanika@gmail.com

ପକ୍ଷୀ

ଧନ୍ୟ ଧନ୍ୟ ତମର    ସାନ ବାଳିକା ଗୋ,
ତୁମରି ଯତନପାଇଁ,
ନିର୍ମଳ ଶୀତଳ    ପବନ ସମାନ
ମୋର ପ୍ରିୟ ଅଉ ନାହିଁ ।
ପୁରାତନ ବର    ଗଛେ ଯେଉଁ ସାନ
ବଇଚ ବସା ଅଛଇ,
ସୁନା ପିଞ୍ଜରର    ସୁଖଠାରୁ ତାହା
ଅନେକ ଭଲ ଅଟଇ ।

ବାଳିକା

ସାନ ଚଢ଼େଇ ରେ    ସାନ ଚଢ଼େଇ ତୁ
କେଉଁଠାକୁ ଯିବୁ ଉଡ଼,
ଯେତେବେଳେ ଧବ୍ଲୁ    ବଲବାଛୁ ଯିବ
ବରଷା ଜଳରେ ବୁଡ଼ ।
ଓଦା ହୋଇଯିବ    ପୁରାତନ ବର—
ଗଛ ବରଷାଜଳରେ,
ସାନ ଚଢ଼େଇ ରେ    ସାନ ଚଢ଼େଇ ତୁ
ରହ ମୋହର ସଙ୍ଗରେ ।

ପକ୍ଷୀ

ନାହିଁ ନାହିଁ ନାହିଁ    ସାନ ବାଳିକା ଗୋ,
ଉଡ଼ ଗୁଳିଯିବ ମୁହିଁ
ଶ୍ୟାମଳ ବନର    ବଲ ଅଛ ପୁଣି
ନିର୍ମଳ ଆକାଶ ଯହିଁ ।

Digitized by srujanika@gmail.com

ଯେତେବେଳେ ନବ ବସନ୍ତ ଫେରିବ
ଦକ୍ଷିଣା ପବନ ସଙ୍ଗେ,
ସେତେବେଳେ ମୋର ଆନନ୍ଦ ସଙ୍ଗୀତ
ପୁଣି ମୁଁ ଗାଇବି ରଙ୍ଗେ ।

ବାଳକା

ସାନ ଚଢ଼େଇ ରେ ସାନ ଚଢ଼େଇ ତେ
କିଏ ଦେଖାଇବ ପଥ ?
ନିର୍ଜନ ପର୍ବତ ପଥ ଭୟଙ୍କର
ବିଜନ ସମୁଦ୍ର ପଥ ।
ନିବୁଁଧିଆ ପକ୍ଷୀ ଆ ଆ ରେ ମୋ ଘରେ
ମୋହର ସାଥିରେ ଥିବୁ,
ନ ମାନ ମୋ ବୋଲ ଗୃହଗଲେ କଷ୍ଟେ
ଛାଣିଥା ପଥ ଖୋଜିବୁ ।

ପକ୍ଷୀ

ସାନ ବାଳକା ଗୋ ସାନ ବାଳକା ମୋ
ପଥ ଦେଖାନ୍ତି ଈଶ୍ୱର,
ନିର୍ଜନ ପର୍ବତ ଅବା ଜନପ୍ରାଣୀ—
ଶୂନ୍ୟ ସମୁଦ୍ର ଉପର ।
ପ୍ରକୃତ ପବନ ସମାନ ସ୍ୱାଧୀନ
ହୋଇ ମୁହିଁ ଉଡ଼ିଯିବି,
ସୂର୍ଯ୍ୟକିରଣର ପଛେ ପଛେ ଯିବି
କେବେ ପଥ ନ ହଜିବି ।

# ଶିଶୁର ପ୍ରଥମ ଶୋକ

ଶିଶୁ—ଡ଼ାକଅଣ ମୋର ଭାଇକୁ ମୋ ପାଶେ
ଏକା ମୁଁ ନ ପାରେ ଖେଳି,
ଫୁଲ ମହୁମାଛି ବସନ୍ତ ଆସିଲି
କାହିଁ ଗଲା ଭାଇ ଭୁଲି ? ।୧।
ପାର୍ବତୀ ଚଢ଼େଇ ଜଙ୍ଗଲ ଦଶଇ
ମିଠା ମିଠା ଖଇ ପାଇ,
ଗୋଡ଼ାଇବାକୁ ମୋ ମନ ହେଉ ନାହିଁ,
ସଙ୍ଗତେ ନାହିଁ ମୋ ଭାଇ ।୨।
ବଗିଚାରେ ଫୁଲ ଗଛ ଲଗାଇଲୁଁ
ଉଜୁଡ଼ି ଗଲଣି ତାହା,
ବହଳ ବଉଳ ଭାଙ୍ଗିପଡେ ଡାଳ,
କେଉଁ ଦେଶେ ଭାଇ ଅହା ! ।୩।
ମାତା—ଅରେ ବାବୁ ସେ ମୋ କଥା ନ ଶୁଣିବ,
ଆଉ ସେ ଫେରିବ ନାହିଁ,
ହସୁଥିଲା ଯଥା ଫୁଟନ୍ତା ଫୁଲ ଯେ
ଜୀବନେ ନାହିଁ ସେ ଭାଇ ।୪।
ଫୁଲ ପରି ଫୁଟି ଝଡ଼ ପଡ଼ିଲା ସେ
ଥିଲା ଫୁଲର ଜୀବନ,
ଭାଇ ତୋର ଅଛି ସ୍ୱରଗପୁରରେ
ଏକା ଖେଳ ପ୍ରାଣଧନ ।୫।

Digitized by srujanika@gmail.com

ଶିଶୁ—ବଗିଚାର ଫୁଲ କୋଣର ଚଢେଇ
ଛାଡ଼ ଗୃହଗନ୍ଧ ଭାଇ,
ଏକା ହୋଇ ଦାଣ୍ଡେ କେମନ୍ତେ ଖେଳୁଛ
ଡାକ କି ଶୁଣିବ ନାହିଁ ? । ୨ ।
ନଈ କୂଳେ ଅବା ନିକୁଞ୍ଜ ବନରେ
ଅଳି କି ବୁଲିବୁଁ ନାହିଁ ?
ଅହା ଭଲ ପାଇ— ଥାନ୍ତି ମୁଁ ଅନ୍ତର
ପ୍ରାଣେ ଥିଲୁ ଯେବେ ଭାଇ । ୩ ।

## ମହୁମାଛି

ଶିଶୁ—ଅରେ ମହୁମାଛି, ଗାଉଅଛୁ ତୁହି
ଗୁଣୁ ଗୁଣୁ କାହିପାଇଁ ?
ମହୁମାଛି—ମୋର ମନ ଆଜି ଭାରି ଖୁସି ଅଛି,
ବସନ୍ତ ଆସିଛି ଧାଇଁ । ୧ ।
ମୁହିଁ ଭଲ ପାଏ ନବୀନ ବସନ୍ତ
ଦକ୍ଷିଣା ମିଠା ପବନ,
ଚାରିଆଡ଼େ ଫୁଟେ ଢେର ଫୁଲମାନ
ଆକାଶ ଉଜଳ ବନ । ୨ ।
ଅଳି ଛାଡ଼ି ଡାଳ ଡାଳ ଛାଡ଼ି ଅଳି
ସବୁ ଫୁଲେ ବୁଲେ ଉଡ଼ି,

Digitized by srujanika@gmail.com

କେବେହେଁ ମୁହିଁ ଗୋ ନ କରେ ଉତ୍ତର
ନୁହଇ ମୁଁ କାମକୁଣ୍ଠୀ । ୩ ।
କଟିପଡ଼ ମୁହିଁ କାମ କରୁଥାଏଁ
ଭଲ ଥିବାଯାଏ ବେଳ,
ଚତୁର୍ମାସ୍ୟାପାଇଁ ସଞ୍ଚ ରଖେ ମୁହିଁ
ମଠର ମହୁଭଣ୍ଡାର । ୪ ।
ଶିଶୁ— ଅରେ ମହୁମାଛି ଉଡ଼ିଯାଅ ଛୁଟି
ତୋର ମହୁଫେଣା ଘରେ,
ଜାଣିଲି ନଷ୍ଟେ ରେ ଭଲ ହେବ ତୋର
ଲାଗିବୁ ନିଜ କାମରେ । ୫ ।

## ଈଶ୍ୱର

ଦେଖନ୍ତି ଈଶ୍ୱର ମୋତେ ପ୍ରତିଦିନ
କାର୍ଯ୍ୟ କରେ ଖେଳେ ଯେବେ,
ପାଠ ପଢ଼େଁ ଅବା କଥା କହେଁ ମୁହିଁ
ଖରେ ଧାଏଁ ଚାଲେଁ ଯେବେ,
ଭାତ ଖାଏ ଅବା ଜଳ ପିଏଁ ମୁହିଁ
ବସି ବସି ଭାବେଁ ଯେବେ,
ସୁଖେ ହସେ ଅବା କାନ୍ଦେଁ; ନକଷ୍ଟରୁ
ଦେଖନ୍ତି ଈଶ୍ୱର ତେବେ । ୧ ।

Digitized by srujanika@gmail.com

ଯେବେ ଥାଏ ଶାନ୍ତ କି ଅବା ଦୁର୍ଦାନ୍ତ,
ଯେବେ ଭଲ, ମନ୍ଦ ଯେବେ,
ଯେବେ ଅନାଦୃତ, ଯେବେ ସମାଦୃତ,
ଯେବେ ଦୁଃଖୀ, ସୁଖୀ ଯେବେ,
ଛଣ୍ଡାଏ ସୁନ୍ଦର ଉପବନେ ଥିବା
ସୁରଭି କୁସୁମ ଯେବେ,
ଯେବେ କ୍ଷୁଦ୍ର ମାଛି ଦଳେଁ; ଆକାଶରୁ
ଦେଖନ୍ତି ଈଶ୍ୱର ତେବେ । ୨ ।

ସ୍ୱର୍ଣ୍ଣ ଦଏ ଯେବେ ଉଜ୍ଜ୍ୱଳ ଆଲୋକ
ତୋଷ ଭାଷ ଝଳେ ଯେବେ,
ଯେବେ ମୋ ଶେଯରେ ଚନ୍ଦ୍ରାଲୋକ ପଡ଼େ
ଅନାନ୍ତି ଈଶ୍ୱର ତେବେ ।
ଦବାନଳି ଦାଝ ଦେବ ମନ୍ଦରେ ବା
ଅଛ ପାଶେ ପ୍ରଭୁ ଥାନ୍ତି,
ଦେଖନ୍ତି ଯାହା ମୁଁ କରଇଁ କହଇଁ
ସତପଥ ସେ ଦେଖାନ୍ତି । ୩ ।

## ଭୁଲ ହୋ

ଭୁଲ ହୋ ଭୁଲ ହୋ ତେଜ ଅସେ ମାଡ଼
ଫେଣ ଦଣେ ଧଳାବନ,
ଗର୍ଜନ ମଧ୍ୟରେ କାର୍ଣ୍ଣିରଡ ପିଠା,
ଘରେ ଶୋଇଛ ମୋ ଧନ ।

Digitized by srujanika@gmail.com

ଶୁନ ହୋ ପବନ ଧାଇଁ ଧାଇଁ ଆସ
କର ଘୋର ଗରଜନ,
ଭାଇ ଖୋଜୁଛନ୍ତି ହାଞ୍ଚଲ୍ଲ ମେଘରୁ,
ଘରେ ଶୋଇଛୁ ମୋ ଧନ । ୨ ।
ଶୁନ ହୋ ବରଷା ଝିପି ଆସେ ଢଳେ
ଶୁଭେ ଶବ୍ଦ ସନସନ,
ଦେଖି ଯାଉଛନ୍ତି ଗାଈ ଖୋଜିବାକୁ
ଘରେ ତ ଶୋଇଛୁ ଧନ । ୩ ।

## କୃଷକ

ସୁସ୍ଥଦେହ ବୃଦ୍ଧ କୃଷକ ସୁବଳ
ଅଟେ ସୁଖୀ ତାର ଚିତ୍ତ,
ଉଷାରେ ଉଠତ ସଙ୍ଗେ ଶଯ୍ୟା ତେଜି
ଆନନ୍ଦେ ଗାଏ ସେ ଗୀତ । ୧ ।
ଅତୀବ କର୍ମଠ କୃଷକ ସୁବଳ
ପ୍ରତିଦିନ କର୍ମେ ଯାଏ,
ହଳବୁଲା ବେଳେ ବୁଣିବା ବେଳେ ସେ
ଆନନ୍ଦରେ ଗୀତ ଗାଏ । ୨ ।
ସନ୍ତୁଷ୍ଟ-ଅନ୍ତର କୃଷକ ସୁବଳ
ସ୍ୱାଧୀନ, ସୁଖୀ, ନିଶ୍ଚିନ୍ତ,
ଶୀତଳ ବରଷା ଉଜ୍ଜ୍ୱଳ ଗ୍ରୀଷମେ
ଆନନ୍ଦେ ଗାଏ ସେ ଗୀତ । ୩ ।

Digitized by srujanika@gmail.com

# ଘଣ୍ଟା ଗୀତ

ଶୁଣ ହେ ସଙ୍ଗୀତ ଘଣ୍ଟା ଗାଏ ଗୀତ—
ବାଜନ୍ତବେଳେ ସେ ଗାଏ,
କହିବ କିଏ ସେ କାହିଁକି କା ଗୀତ
"ଠଣ୍ ଠଣାଠଣ" ଗାଏ ? । ୧ ।

ଏହି ତା ସଙ୍ଗୀତ ଗାଏ ସେ ଏ ଗୀତ
ଏହି ଶବ୍ଦ ବାଜେ କାନେ—
"ଖେଳ ଶେଷ ହେଲା କାର୍ଯ୍ୟ ଆରମ୍ଭିଲା
ଖେଳ ଭାଙ୍ଗ ପିଲାମାନେ" । ୨ ।

ଶୁଣ ହେ ସଙ୍ଗୀତ ଘଣ୍ଟା ଗାଏ ଗୀତ
ବାଜନ୍ତବେଳେ ସେ ଗାଏ,
କହିବ କିଏ ସେ କାହିଁକି କା ଗୀତ
"ଠଣ୍ ଠଣାଠଣ" ଗାଏ ? । ୩ ।

ଏହି ତା ସଙ୍ଗୀତ ଗାଏ ସେ ଯେ ଗୀତ
ଏହି ଶବ୍ଦ ବାଜେ କାନେ—
"ଧନ ଶେଷ ହେଲା ଖେଳ ବେଳ ହେଲା
ଖେଳ ଆସି ପିଲାମାନେ" । ୪ ।

Digitized by srujanika@gmail.com

# ଗଛ ଓ କାଠୁରିଆ

ରହ ଅରେ କାଠୁରିଆ ନ ପକାଅ ହାଣି,
ଶୁଣ କାନ ଡେରି ଥରେ ଏ ଗଛ କାହାଣୀ ।
ନ ଫୁଟ ପଛକେ ବାସ-ଫୁଲ ଗଛ ଦେହେ,
ନ ଉଡ଼ୁ ପଛକେ ମଧୁମକ୍ଷିକା ସେନେହେ ।
ବସି ବୃନ୍ତ ବୃନ୍ତ ତାନେ ନବ ମଧୁକାଳେ,
ନ ଗାଉ କୋକିଳ ପଛେ ଫୁଲଭରା ଡାଳେ ।
ନ ଫଳୁ ପଛେ ଏ ଗଛେ ମିଠା ମିଠା ଫଳ,
ଖାଇବେଳେ ବାଛୋଇ ତ ବଏ ଏହା ତଳ ।
ଛାଡ଼ିଯାଅ କାଠୁରିଆ ନ ପକାଅ ହାଣି,
ଶୁଣ କାନ ଡେରି ଥରେ ଏ ଗଛ କାହାଣୀ । ୧ ।

କାଠୁରିଆ ନ ହାଣ ସେ ଗଛ ରହ ରହ,
ତାହାକୁ ଲଗାଇ ଗଲେ ପିତୃ ପିତାମହ ।
କେତେ ଦୁଃଖ ସୁଖ ସେ ଯେ ଦେଖିଛି ଆମ୍ଭର,
କେତେ ନୂଆ ପୁଅ, କେତେ ଯାତ, ବାହାଘର ।
ମନେ ପଡ଼େ ପିଲାଦିନେ ଏହାରି ମୂଳରେ,
ଖେଳୁଥିଲି ମୁହିଁ ଖେଳ ସାଙ୍ଗଗହଳରେ ।
ଏବେ ବାଲ୍ୟକାଳେ ପୋଥି ଧରି ଛାଇତଳେ,
ବସିଣ ପଢ଼େ ମୁଁ ସଞ୍ଜ ସକାଳେ କଣ୍ଠଳେ ।
କାଠୁରିଆ ନ ହାଣ ସେ ଗଛ ରହ ରହ,
ଦେଖିଅଛ ଏ ଗଛ ମୋ ପିତ ପିତାମହ । ୨ ।

Digitized by srujanika@gmail.com

ନ ଜାଣ ଏ ଗଛ ଶୁଣ ଶୁଣ ମୋର ବାଣୀ
ଥାଉଁ ମୁଁ ଜୀବନେ ଗଛ ନ ପାରିବ ଜାଣି ।
ଦେଖି ତାକୁ କେତେ କଥା ହୁଏ ମୋ ସ୍ମରଣ,
ତା ସଙ୍ଗେ ଜଡ଼ିତ ମୋର ବିଗତ ଜୀବନ ।
ପଶ୍ଚିମ ଆକାଶେ ସୂର୍ଯ୍ୟ ଯାଉଥାଏ ବୁଡ଼ି,
ଏଠି ବସା ସନ୍ଧେ ପକ୍ଷୀ ଆସୁଥାନ୍ତି ଉଡ଼ି ।
ପୂରୁବ ଆକାଶେ ସୂର୍ଯ୍ୟ ଉଦେ ପ୍ରଭାତରେ,
ଉଠନ୍ତି ପକ୍ଷୀଏ ସବୁ ଏହାରି ଡାଳରେ ।
ଯାଅ ଯାଅ କାଠୁରିଆ ଏ ଗଛ ନ ହାଣି,
ରଖିବ ଏ ଗଛ ମୁହିଁ ସତ୍ୟ ମୋର ବାଣୀ ।
ଯାହା ନେବୁ ତାହା ଦେବ, ଏ ଗଛ ନ ହାଣ,
ମୁଁ ଥାଉଁ ଏ ହଣା ହେବ, ନ ସହିବ ପ୍ରାଣ । ୩ ।

## ଏ ଛୋକାଟି କିଏ ରେ !

ଶେଯେ ଶୋଇ ହସୁଥାଏ ଏ ଛୋକାଟି କିଏ ରେ,
କଜଳପାଠି କହୁ ଯାଇଛି ମୁଣ୍ଡରେ ଲୁଗା ଦେ ରେ ।
ଠୁକୁରୁ ଠୁକୁରୁ ଖେଳୁଥାଏ ନାଥି ନାଥି ପଡ଼ି,
କହୁ ଦନେ ସାଙ୍ଗ ଦାଣ୍ଡେ ଦଉଡ଼େ ଗଡ଼ି ଗିଡ଼ି ।
"ଅ ଅରେ ଜହ୍ନମାମୁ" ଡାକେ ହାତ ଠାରି,
"ଖାଇବୁ ମୋର ସଙ୍ଗେ ଡାଲି ଭାତ ତରକାରୀ ।"

Digitized by srujanika@gmail.com

ନାନାଜାତିକା ଫୁଲ ଡୋଳ ପତ୍ରରେ କେ ଛ ବନ,
ଚନ୍ଦ୍ରେ ନାନାଜାତି ପକ୍ଷୀ ଶୁଣି ତାଙ୍କ ସ୍ୱନ ।
ବାଢରେ ତାର ଚନ୍ଦ୍ରୁ ଥାଏ ଏ ଟୋକାଟି କିଏ ରେ,
କଜଳପାତି କନ୍ଧ ଯାଇଛି ମୁଣ୍ଡରେ ଲୁଗା ଦେ ରେ । ୧ ।
ସକାଳୁ ଉଠି ଗୃହଶାଳୀକୁ ଯାଏ ଅବା ଆଗ,
ସାଥି ପିଲ୍ଲ କହନ୍ତି ତାକୁ "ଥଗ ସୁନା ପାଗ" ।
କାହାକୁ କହେ ଅବା ମିଛ କଥା କହେ ନାହିଁ,
ସାଥି ପିଲ୍ଲମାନଙ୍କୁ ସେ ମଣେ ଯେଡେ଼ ଭାଇ ।
ଅଙ୍କ ପାଠ ଅଙ୍କ ପଢ଼ି ବୁଝି କରେ ପାଣି,
ନ ଜାଣିଲ୍ଲ କଥା ବୁଝେ ପାଠୁଆ ଲୋକ ଜାଣି ।
ପଢ଼ିଲ୍ଲବେଳେ ପଢ଼ି ପାଠ ଖେଳିଲ୍ଲବେଳେ ଖେଳେ,
ପରୀକ୍ଷାରେ ପହିଲ ହୁଏ ସଭିଙ୍କୁ ଜିଣି ହେଲେ ।
ପହିଲ ହୋଇ ପାଇଲ୍ଲ ବୃତ୍ତି ଏ ଟୋକାଟି କିଏ ରେ,
ସବୁବେଳେ ମନ ଲଗାଇ ପାଠ ପଢୁଥିଲ୍ଲ ଯେ ରେ ।
ଗୃହର କାମ କଉଡ଼ି ଅର୍ଜି ପୋଷେ ପରିବାର,
ପାଖ ପଡ଼ଶା ଦୁଃଖୀ ରଙ୍କିର କରେ ଉପକାର,
ଘରେ ପରେ ହାଟେ ବାଟେ ରାଜ ଦରବାରେ,
ଧର୍ମଭୀରୁ ସତ୍ୟବାଦୀ ବଶୁଛି ଅଗ୍ରରେ,
ବିଶ୍ୱାସଘାତକେ କରେ ଦୁରରୁ ଜୁହାର,
ସାଧୁଜନେ ମଣେ ଯେଡେ଼ ଭାଇ ଅପଣାର ।
ଯେ ଅଡ଼େ ଯାଏ ଆଦର ପାଏ ଏ ଲୋକଟି କିଏ ରେ,
ସ୍ୱାର୍ଥ ତେଜି ପର ଉପକାର କରେ ଯେ ରେ । ୩ ।

Digitized by srujanika@gmail.com

ଶଅ ହଜାର ମିଳି ସଭା, ତଟସ୍ଥ ସଭିଏ,
ଉଭା ହୋଇ ବୀର ପରି କଥା କହେ ଛଏ ।
କେତେ ଗ୍ରନ୍ଥ କେତେ କାଳ କେତେ ଦେଶୁଁ ଯାଇ
ତୋଳି ଅଣି କଥା କହେ ଗଣ୍ଠଇ ଗଣ୍ଠଇ ।
କି ଅପୂର୍ବ କଥା କହେ ହସାଇ କନ୍ଦାଇ,
ସଭାଗଣେ ଦଅନ୍ତି ତାଳି ଉଦ୍ଧାଇ ଉଦ୍ଧାଇ ।
ମନୁଷ୍ୟ ପରି ମନୁଷ୍ୟଟିଏ ଏ ଲୋକଟି କିଏ ରେ,
ପିଲ୍ଲଦିନେ ମନ ଦେଇ ତପ କରୁଥିଲା ଯେ ରେ । ୪ ।
ନି ସନ୍ଧ୍ୟାରେ ଇଷ୍ଟଦେବ ନାମ କରେ ଧ୍ୟାନ;
ନାନାଶାସ୍ତ୍ର ପଢି ଅର୍ଜୁଥାଏ ଧନ ଜ୍ଞାନ,
ଅତିଥି ସେବାରେ ରତ ଅନ୍ନ ବସ୍ତ୍ର ଦାନ,
ଜନ ହିତେ ସମର୍ପଣ କରେ ଧନ ପ୍ରାଣ,
ଦେଶ-କୁଳ-ଧନ୍ୟକାରୀ କର୍ମବୀର କିଏ ରେ,
ତୁଳସୀ ପରି ଦୁଇ ପତରୁଁ ବାସୁଥିଲା ଯେ ରେ । ୫ ।

## ଚନ୍ଦ୍ରତାରା

କେତେ ଚନ୍ଦ୍ର ତାରା ଅଛି ଆକାଶରେ
ଅଣି ଦେବୀ ବାପଧନ,
ଚନ୍ଦ୍ରମା ତାରକା ଯେବେ ଖେଳିବାକୁ
ହେବ ଯେବେ ତୋର ମନ ।

Digitized by srujanika@gmail.com

ତୋ ଅଙ୍ଗରେ ତାରା          ଦେଖି ଲୁଚିଯିବେ
ଆକାଶର ତାରା ନାହିଁ,
ତୋ ମୁଖଚନ୍ଦ୍ରମା          ଦେଖି ଲାଜେ ଚନ୍ଦ୍ର
ମୁହଁ ଦେଖାଇବ ନାହିଁ ।
ଚନ୍ଦ୍ରମା ତାରା କି          କଥା କହୁଚେ ସେ
ଯେତେ ହେଲେ ଜଳଜଳ,
ଚନ୍ଦ୍ର ତାରା ତେଣୁ          ଭଲ ନ ଲାଗଇ
ମୁଁ ତୋ ମୁଖନେହରକ ।

## ପାଠଚଟା

ବାହୁଁକି ବାନ୍ଧୁରେ          ମୋର ପ୍ରାଣଧନ
କିଏ ମାରିଲା କି ତତେ,
ମଣିଷ ହୋଇ ତୁ          ଘର କରିବୁ ରେ
ନେହେ କି ଦେଖିବ ମତେ ?
ପାଠ ପଢ଼ିବୁ ତୁ          ବଡ଼ଲୋକ ହେବୁ
ପାଲିଙ୍କି ପାଠର ଛଟା
ଘୋଡ଼ା ହାତୀ ଦାସ          ଦାସୀ ହେବେ ତୋର
ମାଢ଼ ବୁଲୁଥିବୁ ଯୋଡା ।
ଏ ଘର ଦୁଆର          ଦିଶିବ ସୁନ୍ଦର
ଧବଳମୟ ଏ ପୁର,
ଦେଖିଣ ଡରିବେ          ଶତ୍ରୁ ଶଙ୍କି ଯିବେ
ଲାଜେ ହୋଇଯିବେ ଦୂର ।

Digitized by srujanika@gmail.com

## କକରୁଆ

ପିଇଦେ ରେ ଦୁଧ ପିଇଦେ ଚଞ୍ଚଳ
କକରୁଆ ଅଛୁ ବନେ,
ଅରେ ବାଇଧନ ନ କର କ୍ରନ୍ଦନ
ଆସିବ ସେ ଘର କଣେ । ୨

ଛୁନହୋ ଛୁନହୋ ଅରେ ପ୍ରାଣଧନ
ବଡ଼ ଦୁଷ୍ଟ କକରୁଆ,
ତୋର କାନ୍ଦ ଶୁଣି ବଣରୁ ଆସିବ
କଟିବ ବଡ଼ ଅଡୁଆ ।

ଛୁନ ହୋଇ ଶୁଣ କହନ୍ତି ମାତାଙ୍କୁ
"କକରୁଆ କି କରିବ,
ବଣରୁ ଆସିଲେ ଅମ ଘରକୁ ସେ
ମାଡ଼ ଖାଇକରି ଯିବ ।"

## ନିଦ

କିଏ ସେ ମାଇଲା ମୋ ବାଇଧନକୁ
କାହିଁ କାନ୍ଦୁ କଇଁ କଇଁ,
ନିଦେ ପ୍ରାଣଧନ ସପନ ଦେଖି କି
ଚମକଇ ରହି ରହି ।
ଅପେଠା ଖଣି ମେ ମଉଡ଼ମଣି ସେ
ଦରିଦ୍ର ଘର ରତନ,

Digitized by srujanika@gmail.com

ଅଝର ନଝଢ଼ ଚମ୍ପାର ଗୁଙ୍ଗୁଡ଼ି
ମୋର ପ୍ରାଣର ଚନ୍ଦନ ।
ନଦେଇ ପ୍ରାଣଧନ ହସୁଛି କାନ୍ଦୁଛି
ଅଗୋ ଷଠଦୁସୀ ମଅ,
କାହିଁକି କନ୍ଦାଇ ହସାଉଛୁ ତାକୁ ?
କଲ୍ୟାଣ କରଣ ଯାଅ ।

## ନିଦ ମାଉଷୀ

ନିଦ ମାଉସୀ ନିଦ ମାଉସୀ
ହେମ ଘରକୁ ତୁ ଅଅ,
ଅଖି ଦୁଇଟି ବୁଜେଇ ଦେଇ
ଶୋଇ ପଡେଇ ଯାଅ ।
ନିଦ ମାଉସୀ ନିଦ ମାଉସୀ
ଦୋଳି ଖେଳାଇବୁ,
ଝୁଲେଇ ଝୁଲେଇ ହେମକୁ ଅମର
ନିଦରେ ହସାଇବୁ ।
ନିଦ ମାଉସୀ ନିଦ ମାଉସୀ
ହେମ ପାଖରେ ଥିବୁ,
ସେପଟେକଥାକ ଭଲ ସ୍ୱପନ
ହେମକୁ ଦେଖାଇବୁ ।

Digitized by srujanika@gmail.com

ନଦ ମାଉସୀ ନଦ ମାଉସୀ
ହେମ ଅଣିରେ ଥିବୁ
କାଅ କାଅ କର କାଉ ସ୍ୱବଲେ
ଘରକୁ ବାହୁଡ଼ି ଯିବୁ ।

# ହୋଓରେ ବାଇଆ ହୋଓ

ଦନ ତ ଯାଇଛି ସ୍ୱଢ ତ ଅସିଛି
ହୋଓରେ ବାଇଆ ହୋଓ,
ଝଙ୍କାଳିଆ ଗଛେ ଗହଳିଆ ଡାଳେ
ଛୁଆ ହୋଇ କର ଶୋଓ ।
ଦନ ତ ଯାଇଛି ସ୍ୱଢ ତ ଅସିଛି
ହୋଓରେ ବଲେଇ ହୋଓ,
ହାଣ୍ଡିଶାଳ ପାଖେ ଚୁଲ୍ଲି ମୁଣ୍ଡରେ ତୁ
ଜହ୍ମୁମ ଯାଗାରେ ଶୋଓ ।
ଦନ ତ ଯାଇଛି ସ୍ୱଢ ତ ଅସିଛି
ହୋଓରେ କୁକୁର ହୋଓ,
ଦାଣ୍ଡ ପାଅଣ୍ଟରେ ପଥର ପାହାଚେ
କାନ ଡେରିକରି ଶୋଓ ।

Digitized by srujanika@gmail.com

ସଞ୍ଜ ନ ଗଡ଼ୁଛି          ପହ୍ୱଡ଼ ପଡ଼ୁଛି
ହ୍ୱୋଓଁରେ ବିଲୁଅ ହ୍ୱୋଓଁ,
ବଣ ବୁଦା ତଳେ          ଝୁଡ଼ତଳ ଗାଉଛି
ଝୁକେ ଝୁକେ କର ଶୋଓଁ ।
ସଞ୍ଜବେଳ ଗଲା          ନିଶା ଗରଜିଲା
ହ୍ୱୋରେ ବାଘମାମୁ ହ୍ୱୋଓଁ,
ଗହ୍ୱନ ବନସ୍ତେ          ଷୋଳକୋଶ ଯେପି
ଝରଣା ପାଖରେ ଶୋଓଁ ।
ଦନା ତ ଯାଇଛି          ରାତି ଅସିଅଛି
ହ୍ୱୋଓଁରେ ବାଲୁଅ ହ୍ୱୋ,
ସମସ୍ତେ ଶୋଇଲେ          ବାଇଅ ଧନ ତୁ
ଅଖି ବୁଜିକର ଶୋଓଁ ।

ସମାପ୍ତ

Printer— R. N. Rath, the Satyabadi Press,
Cuttack—1934.

Digitized by srujanika@gmail.com

# ବିଜ୍ଞାପନ

ଶ୍ରୀ ନନ୍ଦକିଶୋର ବଳ ବି. ଏ. ପ୍ରଣୀତ ନିମ୍ନଲିଖିତ ପୁସ୍ତକମାନ କଟକର ସମସ୍ତ ପ୍ରଧାନ ପ୍ରଧାନ ପୁସ୍ତକାଳୟ-ମାନଙ୍କରେ ବିକ୍ରୟାର୍ଥ ରକ୍ଷିତ ଅଛି । ନଗଦ ମୂଲ୍ୟରେ ପୁସ୍ତକ କ୍ରୟ କଲେ ଶତକଡ଼ା ୧୨॥ ହିସାବରେ କମିଶନ ମିଳେ ।

| | | | |
|---|---|---|---|
| ପଲ୍ଲୀଚିତ୍ର | (୩ୟ ମୁଦ୍ରଣ) | | ଟ ୦ ୵ |
| ନିର୍ଝରିଣୀ | (୩ୟ ମୁଦ୍ରଣ) | ... | ଟ ୦ ।୵ |
| ସୀତାବନବାସ କାବ୍ୟ | (୩ୟ ମୁଦ୍ରଣ) | ... | ଟ ୦ ।୷ |
| କୃଷ୍ଣକୁମାରୀ | (୨ୟ ମୁଦ୍ରଣ) | ... | ଟ ୦ ୷ |
| ଜନ୍ମଭୂମି ୨ୟ ଭାଗ | ... | ... | ଟ ୦ ।୷ |
| ନାନାବାୟା ଗୀତ ୧ମ ଓ ୨ୟ ଭାଗ | (୪ର୍ଥ ମୁଦ୍ରଣ) | ... | ଟ ୦ ।୷ |
| ଶର୍ମିଷ୍ଠା | ... ... | ... | ଟ ୦ ୳ |

*Sixth Edition—2000 Copies*

Digitized by srujanika@gmail.com